**ପାଣିକୋଇଲି,୭।୯(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ନିକଟରେ ଶନିବାର ରାତିରେ ଅଜଣା ଗାଡ଼ି ଧକ୍କାରେ ୭ ଗୋରୁଙ୍କ ଜୀବନ ଯାଇଛି। ମୃତ ଗୋରୁଙ୍କୁ ସାମାଜିକ କର୍ମୀ ଓ ଗୋ ସେବକଙ୍କ ଦ୍ୱାରା ଜାତୀୟ ରାଜପଥ ବିଭାଗ ସହାୟତାରେ ରବିବାର ସତ୍କାର କରାଯାଇଛି।ରାସ୍ତାରେ ଗୋରୁ ପଲ ଶୋଇଥିବାବେଳେ ଗାଡ଼ି ଚଢ଼ି ଯାଇଥିବା ଅନୁମାନ କରାଯାଉଛି। ମାଲିକମାନେ ଗୋରୁଙ୍କୁ ଛାଡ଼ି ଦେଉଥିବାରୁ ଏପରି ଦୁର୍ଘଟଣା ଘଟୁଛି। ଗତ ୨ ଦିନ ତଳେ ଷଣ୍ଢକୁ ଧକ୍କା ଦେଇ ଏକ କାର ଓଲଟିବାରୁ ଚାଳକଙ୍କ ମୃତ୍ୟୁ ହୋଇଥିଲା। ଏ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଫ୍ୟାନ୍‌ରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

**ପାଣିକୋଇଲି,୭।୯(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଜହ୍ନା ପଞ୍ଚାୟତ ଫର୍ତ୍ତପୁର ଗ୍ରାମରେ ଫ୍ୟାନରେ ଝୁଲି ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର ରବୀନ୍ଦ୍ର ମଲିକଙ୍କ ପୁଅ ସୁଦାମ ମଲିକ(୨୮)। ସୁଦାମ ଶନିବାର ରାତ୍ରିରେ ସୋଇବା ଘର ଫ୍ୟାନ୍‌ରେ ରଶି ଲଗାଇ ଦେଇଥିଲେ। ରବିବାର ସକାଳେ ତାଙ୍କ ପରିବାର ଲୋକେ ଏହା ଦେଖିବାକୁ ପାଇଥିଲେ। ପରେ ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶଙ୍ଖଚିଲା ଫାଣ୍ଡି ଅଧିକାରୀ ଦେବେନ୍ଦ୍ର ମହାନ୍ତି ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସୁଦାମଙ୍କ ମୃତ୍ୟୁ ରହସ୍ୟ ଅସ୍ପଷ୍ଟ ରହିଛି। କାହିଁକି ସେ ଆତ୍ମହତ୍ୟା କଲେ ପୋଲିସ ତା'ର ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୩୧।୨୫ ରୁଜୁ ହୋଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଶୀର୍ବାଦ



@ ବୁବୁ



@ ସୌମ୍ୟରଞ୍ଜନ



@ ଶ୍ରୀକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବାଲିଚନ୍ଦ୍ରପୁର ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ପୂଜନ

**ଚଣ୍ଡିଖୋଲ,୭।୯(ପ୍ରଦୀପ୍ତ କୁମାର ପୃଷ୍ଟି):**

ବାଲିଚନ୍ଦ୍ରପୁର ବଜାର ଗଜଲକ୍ଷ୍ମୀ ପୂଜା ପାଇଁ ରବିବାର ଇନ୍ଦୁ ପୂର୍ଣ୍ଣିମା ଓ ଭାଗବତ ଜନ୍ମ ଅବସରରେ ମାଟି ପୂଜନ କରାଯାଇଛି। ଏହାପରେ ମା'ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି। ଅକ୍ଟୋବର ୬ରେ ଗଜଲକ୍ଷ୍ମୀ ପୂଜା ପଡୁଥିବାରୁ ଏହାର ୧ ମାସ ପୂର୍ବରୁ ପରମ୍ପରା ଅନୁଯାୟୀ ମାଟି ଉଠାଣ ହୋଇଥାଏ। ରବିବାର ଚନ୍ଦ୍ର ଗ୍ରହଣ ଲାଗିଥିବାରୁ ସମସ୍ତ ମଣ୍ଡପ ଓ ପୂଜା କମିଟି ପକ୍ଷରୁ ମାଟି ପୂଜନ କାର୍ଯ୍ୟକ୍ରମ ସକାଳୁ କରାଯାଇଥିଲା। ବାଲିଚନ୍ଦ୍ରପୁର ଶ୍ୟାମ ସୁନ୍ଦର ବଜାର କମିଟି ପକ୍ଷରୁ ପଟ୍ଟାମୁଣ୍ଡାଇ କେନାଲ କୂଳରେ ପୂଜା କରାଯାଇ ମାଟି ଉଠାଣ କରାଯାଇଥିଲା। ପରେ ଶ୍ୟାମସୁନ୍ଦର ମନ୍ଦିର ପରିସରରେ ପୂଜା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବଜାର କମିଟି ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟି, ସମ୍ପାଦକ ପ୍ରଭାସ କୁମାର ଦାଶ, ଅକ୍ଷୟ କୁମାର ପରିଡ଼ା, ହାଡିବନ୍ଧୁ ସାହୁ, ବିଶ୍ୱନାଥ ସେଠୀ, ଅନିରୁଦ୍ଧ ସାହୁ, ତପନ ସିଂହ, ଜଗନ୍ନାଥ ସାହୁ ଓ ଦୁର୍ଲଭ ବାରିକଙ୍କ ସମେତ ବଜାର କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ। ପୂଜକ ଭରତ ଚନ୍ଦ୍ର ପାଢ଼ୀ ଯୋଗଦେଇ ପୂଜା କାର୍ଯ୍ୟ ସମାପନ କରିଥିଲେ।



ଶ୍ୟାମ ସୁନ୍ଦର ବଜାର କମିଟି କର୍ମକର୍ତ୍ତା ମାଟି ପୂଜନ ପାଇଁ ଯାଉଛନ୍ତି।

## ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର ଘୋଷଣା

**ଧର୍ମଶାଳା,୭।୯(ବଟକୃଷ୍ଣ ପରିଡ଼ା):**

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗୋକର୍ଣ୍ଣିକା ସାହିତ୍ୟ ସମାଜ ମିଳିତ ଆନୁକୂଲ୍ୟରେ ଶିଶୁ ସାହିତ୍ୟ ସ୍ରଷ୍ଟା ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ ଆସନ୍ତା ୧୦ତାରିଖରେ ଜାରକା ହାଇସ୍କୁଲ ପରିସର ଆମ ପାଠାଗାରରେ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଗୋକର୍ଣ୍ଣିକା କାର୍ଯ୍ୟାଳୟ ପରିସରରେ ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି। ଦକ୍ଷିଣାଞ୍ଚଳର ପୂର୍ବତନ ଆର୍‌ଡିସି ମହେନ୍ଦ୍ର ମଲ୍ଲିକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଏଥିସହିତ ଶିଶୁ ସାହିତ୍ୟ ସମ୍ମାନ ସାରଥୀ ମହାପାତ୍ର, ଗୋକର୍ଣ୍ଣିକା ଗଳ୍ପ ସମ୍ମାନ ସଚ୍ଚିଦାନନ୍ଦ କର, ବ୍ୟଙ୍ଗକବି ସମ୍ମାନ ବାଇଧର ମାଝି, ଗୋକର୍ଣ୍ଣିକା ସୁବକ୍ତା ସମ୍ମାନ ଅବସରପ୍ରାପ୍ତପ୍ରାପ୍ତ ପ୍ରାଧ୍ୟାପକ ଶିବଚରଣ ମାଝୀ, ଗୋକର୍ଣ୍ଣିକା ପାଠକ ସମ୍ମାନ ସୁନାକର ସାହୁ ଓ ଗୋକର୍ଣ୍ଣିକା ସଂଗଠନ ସମ୍ମାନ ଅଜୟ ବଳଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିଶୁ ସାହିତ୍ୟ ସ୍ରଷ୍ଟା ଦାଶ ବେନହୁର, ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ମୁଖ୍ୟବକ୍ତାଭାବେ ରଜନୀକାନ୍ତ ପୃଷ୍ଟି ଯୋଗଦେବେ ବୋଲି ଗୋକର୍ଣ୍ଣିକା ସଭାପତି ଜେନା ଓ ସମ୍ପାଦକ ଇନ୍ଦୁପ୍ରଭା ସାମଲ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ୯ ଗୁରୁଙ୍କୁ ଖରସ୍ରୋତା ଗୁରୁରତ୍ନ ସମ୍ମାନ

**ବିଞ୍ଝାରପୁର,୭।୯(ରାମକୃଷ୍ଣ ଦାସ):**



ଗୁରୁବନ୍ଦନା ଓ ଖରସ୍ରୋତା ଗୁରୁରତ୍ନ ସମ୍ମାନ ସମାରୋହରେ ସମ୍ମାନିତ ହୋଇଥିବା ଗୁରୁମାନେ।

ଖରସ୍ରୋତା ପୁସ୍ତକ ମେଳା କମିଟି ପକ୍ଷରୁ ଶନିବାର ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ଗୁରୁବନ୍ଦନା ଓ ଖରସ୍ରୋତା ଗୁରୁରତ୍ନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବ୍ରଜକିଶୋର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ସମାରୋହରେ ଖରସ୍ରୋତା ଅବବାହିକାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପରେ ମେଳା କମିଟି ଅଧ୍ୟକ୍ଷ ପଦ୍ମାକର ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ କମିଟିର ସାଂଗଠନିକ ସମ୍ପାଦକ ନାରାୟଣ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ ସମାରୋହର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।

ପ୍ରାରମ୍ଭରେ ଉପସ୍ଥିତ ଶତାଧିକ ଗୁରୁଙ୍କୁ ଗୁରୁବନ୍ଦନା କରାଯାଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ତୃତୀୟ ଖରସ୍ରୋତା ପୁସ୍ତକ ମେଳା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଡିସେମ୍ବର ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ଅବିଭକ୍ତ ଫତେପୁର ପଞ୍ଚାୟତର ମଲିଆ-ଦାଣ୍ଡିସାହି ଯଜ୍ଞ ପଡ଼ିଆରେ ମେଳ ହେବ ବୋଲି କୁହାଯାଇଥିଲା। ଗୁରୁ ଓ ଶିଷ୍ୟଙ୍କ ଏହି ମଧୁର ସମ୍ପର୍କ କିପରି ମେଳାକୁ ସରସ, ସୁନ୍ଦର ଓ ସଫଳ କରିପାରିବ ସେ ଦିଗରେ ମୁଖ୍ୟଅତିଥି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ କାର୍ଯ୍ୟରତ ସର୍ବଶ୍ରେଷ୍ଠ ୯ଜଣ ଗୁରୁ ଯଥା; ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ, ଅରୁଣ ସାମଲ, ଅଧ୍ୟାପକ ଆଲୋକ ସାମଲ, ନିରଞ୍ଜନ ବେହେରା, ପ୍ରତିଜ୍ଞା ସାହୁ, ଅକ୍ଷୟ ସେଠୀ, ସଞ୍ଜୟ ସାମଲ, କେଦାରନାଥ ଦାସ ଓ ନିରଞ୍ଜନ ସାହୁଙ୍କୁ ମେଳା କମିଟି ପକ୍ଷରୁ ଉତ୍ତରୀୟ ଓ ମାନପତ୍ର ଦେଇ ମୁଖ୍ୟଅତିଥି ଖରସ୍ରୋତା ଗୁରୁରତ୍ନ ସମ୍ମାନରେ ସମ୍ମାନିତ କରିଥିଲେ।

ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ପ୍ରାଧ୍ୟାପକ ଅଜୟ ଓଝା, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସାମଲ, ସଚ୍ଚିଦାନନ୍ଦ ଗୁରୁ, ପ୍ରଦୀପ ଜେନା, ତ୍ରିଲୋଚନ ରାଉତ, ସନ୍ତୋଷ ବେଉରିଆ, ଅମ୍ବିକା ପ୍ରସାଦ ସାମଲ, ରମାକାନ୍ତ ନାୟକ, ରଶ୍ମି ରଞ୍ଜନ ବେହେରା, ରତ୍ନାକର ସାହୁ, ଅଧ୍ୟାପକ ସୁବାସ ଚନ୍ଦ୍ର ନାୟକ, ଗଗନ ବେହେରା, ଦଶରଥ ସାହୁ, ପ୍ରଫୁଲ୍ଲ ବେହେରା, ନିରଞ୍ଜନ ପାତ୍ର, ଶ୍ରୀଧର ସାହୁ, ଦେବେନ୍ଦ୍ର ସାମଲ, ଖଗେଶ୍ୱର ସାହୁ, କୃଷ୍ଣଚନ୍ଦ୍ର ଥାଟୋଇ, ଅକ୍ଷୟ ବେହେରା, ଶିଶିର ଦାସ, ଭାରତ ଭୂଷଣ ମଲ୍ଲିକ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଲୋକ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ଲୋପ ପାଇଗଲା ୩ଶହ ବର୍ଷର ବାଉଁଶରାଣୀ ଖେଳ

*ବାଉଁଶରାଣୀ ଖେଳ ଦୁଃସାହାହସିକ ବିପଦପୂର୍ଣ୍ଣ କ୍ରୀଡ଼ା ତଥା ଲୋକକଳା। ଏହି ଖେଳ କୁରାଳର ନାଥିଆପଲ୍ଲୀ ଗାଁକୁ ଦେଇଥିଲା ସ୍ୱତନ୍ତ୍ର ପରିଚୟ। ଯଦିଓ ପରିବାର ପୋଷଣ ଓ କଳା ନିର୍ଦ୍ଦେଶନ ବାଉଁଶରାଣୀ ଖେଳର ମୁଖ୍ୟ ଧାରା ଥିଲା ତେବେ ମନୋରଞ୍ଜନ ଏହା ସହ ଯୋଡ଼ି ହୋଇ ସୁଖ୍ୟାତି ଓ ଆତ୍ମ ସମ୍ମାନ ଯୋଗାଇ ଅର୍ନ୍ତଦେଶୀୟ ସ୍ତରରେ ନୟାଗଡ଼ ଜିଲାର ମଥାକୁ ଉଚ୍ଚ କରି ପାରିଥିଲା। ବାଉଁଶରାଣୀ ଖେଳକୁ ବିଶ୍ୱସ୍ତରରେ ପହଞ୍ଚାଇଥିବା ଜୟଦୁର୍ଗା ବାଉଁଶରାଣୀ କଳା ନୈପୂଣ୍ୟ ଗୋଷ୍ଠୀର ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ମୃତ୍ୟୁ ପରେ ବାଉଁଶରାଣୀ ଖେଳ ୩ଶହ ବର୍ଷ ପରେ ଇତିହାସ ହୋଇଯାଇଛି।*

- ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁ ପରେ ହୋଇଗଲା ଇତିହାସ
- ନୟାଗଡ଼ରୁ ବ୍ୟାପିଥିଲା ଅନ୍ତର୍ଦ୍ଦେଶୀୟ ସ୍ତରକୁ
- ସ୍ମୃତିରେ ରହିଗଲା କୁରାଳର ଦୁଃସାହସିକ କ୍ରୀଡ଼ା

ନୟାଗଡ଼,୭।୯(ଲୋକନାଥ ମିଶ୍ର)



ପୂର୍ଣ୍ଣଚନ୍ଦ୍ର ଦାସ





ବାଉଁଶରାଣୀ ଖେଳ।

ବାଉଁଶ ଉପରେ ଚକ୍ରି ପରି ବୁଲୁଥିବା ଖେଳକୁ ବାଉଁଶରାଣୀ ଖେଳ କୁହାଯାଏ। ବାଉଁଶରାଣୀ ଖେଳ ଦେଶ ବିଦେଶରେ ବେଶ ଲୋକପ୍ରିୟତା ସାଉଁଟିଥିଲା। ୩୩ ଫୁଟର ଏକ ବାଉଁଶ ମାଟି ଉପରେ ରୁହେ। ଦୌଡ଼ିକୁ ଟଣକା ଦେଇ ମାଟି ଉପରେ ବାଉଁଶକୁ ରଖାଯାଏ। ବାଉଁଶ ରାଣୀ ଖେଳ ଦେଖାଇବା ସମୟରେ ବାଉଁଶ କେବେ ବି ସ୍ଥାନାନ୍ତର ହୁଏ ନାହିଁ। ବାଉଁଶର ଶୀର୍ଷ ଭାଗରେ ୩୩ ଫୁଟ ଉଚ୍ଚରେ ଅଗରେ ଲାଗିଥିବା ବାଲା ଉପରେ ଚକ୍ରି ଆକାରରେ ଜଣେ ମହିଳା ଅଥବା ଝିଅ ପିଲା ଘୂରି ବୁଲିଥାନ୍ତି। ଖେଳ ଦେଖିବାବେଳେ ଦେଖଣାହାରୀ ଭୟଭୀତ ହୋଇ ପଡ଼ନ୍ତି। ତେବେ ଖେଳକୁ ଛାଡ଼ିଯିବାକୁ ଚାହିଁ ନ ଥାନ୍ତି। ପୁଣି ଶୁଆ ଦୋଳି ଓ ମାଲବାଡ଼ି ଖେଳ ଅନ୍ୟତମ ଚିତ୍ତାକର୍ଷକ। ପ୍ରାରମ୍ଭିକ ପର୍ଯ୍ୟାୟରେ ଯଦିଓ ବାଉଁଶରାଣୀ ଖେଳ ଲୋକପ୍ରିୟତା ନ ଥିଲା ତେବେ ଜୟଦୁର୍ଗା ବାଉଁଶ ରାଣୀ କଳା ନୈପୂଣ୍ୟ ଗୋଷ୍ଠୀର ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ରଙ୍କ ଅକ୍ଲାନ୍ତ ପରିଶ୍ରମ ଖେଳକୁ ବିଶ୍ୱସ୍ତରରେ ପହଞ୍ଚାଇ ପାରିଥିଲା। ପୂର୍ଣ୍ଣଚନ୍ଦ୍ର ଗାନ୍ଧର୍ବ କଳାରେ ସିଦ୍ଧହସ୍ତ ଥିବାବେଳେ ଏକାଧାରାରେ ବଂଶୀ, ସାହାନାଇ ଓ ହାରମନିୟମ ବାଦକ ଏବଂ ଲାଲ ବାଜା ବଜାଇବାରେ ପାରଙ୍ଗମ ଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀ ଛାୟା ଓ ବଡ ଝିଅ ଲକ୍ଷ୍ମୀ, ମଝିଆ ଝିଅ ମାମି, ସାନ ଝିଅ ରଶ୍ମୀ ଓ ଝିଆରୀ ସୁଷମା ବାଉଁଶରାଣୀ ଖେଳ ପ୍ରଦର୍ଶନ କରୁଥିଲେ। ୩ ଭଉଣୀଙ୍କର ଖେଳ ପ୍ରଦର୍ଶନ ଦିଲ୍ଲୀ ଅପନା ଉତ୍ସବରେ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସେହିପରି ଫ୍ରାନ୍ସରେ ସ୍ତ୍ରୀ ଛାୟା, ଝିଅ ମାମି ଓ ଝିଆରୀ ସୁଷମା ବାଉଁଶରାଣୀ ଖେଳ ଦେଖାଇ ଅନୁରୂପ ଭାବେ ନୟାଗଡ଼ର ଟେକ ରଖିଥିଲେ। ସାନ ଝିଅ ରଶ୍ମୀ ଅପନା ଉତ୍ସବରେ ଖେଳ ପ୍ରଦର୍ଶନ କରୁ କରୁ ଚର୍ଚ୍ଚିତ ହୋଇ ଯାଇଥିଲେ। ରଶ୍ମିଙ୍କୁ ଏଠାରେ କେନ୍ଦ୍ରୀୟ ଜଳ କ୍ରୀଡ଼ା ଜିମ୍ନାଷ୍ଟିକ ପକ୍ଷରୁ ସ୍ୱର୍ଣ୍ଣ ପଦକ ମିଳିଥିଲା। ପରେ ରଶ୍ମୀ ସାଇ ଅଥରିଟ୍ ଅଫ ଇଣ୍ଡିଆର ସ୍ପେଶାଲ ଏରିଆ ଗେମସରେ ମନୋନୀତ କରି ହଷ୍ଟେଲରେ ରହି ଜିମ୍ନାଷ୍ଟିକ ତାଲିମ ନେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଦିଲ୍ଲୀ ଯମୁନା ଭେଲୋଡ୍ରମରେ କ୍ରୀଡ଼ା ଅଭ୍ୟାସ କରିଥିଲେ। ସେ ସୁଇମିଂର ହାଇବୋର୍ଡ ଡାଇଭିଙ୍ଗରେ ସ୍ୱର୍ଣ୍ଣ ପଦକ ପୁଣି ପାଇଥିଲେ। ଶେଷର ଭାରତୀୟ ରିଜର୍ଭ ପୋଲିସ ଫୋର୍ସ ବିଭାଗରେ ଅତିରିକ୍ତ ପୋଲିସ ନିରୀକ୍ଷକ (ଡିଏସ୍‌ପି) ରୂପେ ଚୟନ ହୋଇ ଆସାମରେ କାର୍ଯ୍ୟରତ ଅଛନ୍ତି। ସ୍ତ୍ରୀ ବୃଦ୍ଧା ହୋଇଯିବା, ଝିଅ ଓ ଝିଆରି ଘର ସଂସାର କରିବା ପରେ ଖେଳ ପ୍ରଦର୍ଶନ କରି ପାରୁନାହାନ୍ତି। କଳାକୁ ବଞ୍ଚାଇବା ପାଇଁ ପରିବାରରେ ଆଉ କେହିନାହାନ୍ତି। ଅନ୍ୟମାନେ ବି କଳା ପ୍ରତି ଆକୃଷ୍ଟ ହେଉନାହାନ୍ତି। ନୟାଗଡ଼ ଜିଲା କୁରାଳ ପଞ୍ଚାୟତର ନାଥିଆପଲ୍ଲୀ ଗାଁରୁ ସୃଷ୍ଟ ଖେଳ ଧୀରେ ଧୀରେ ରାଜ୍ୟର ବିଭିନ୍ନ ଜିଲା ମହୋତ୍ସବରେ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀରେ, ଲୋକ ସଂସ୍କୃତି ମେଳା କୋଲକତାରେ, ଦିଲ୍ଲୀ ସଙ୍ଗୀତ ନାଟକ ଏକାଡେମୀରେ, ଦିଲ୍ଲୀ ଅପନା ଉତ୍ସବ ସହ ବିଭିନ୍ନ ରାଜ୍ୟ, ଫ୍ରାନ୍ସରେ ପହଞ୍ଚି ପାରିଥିଲା। ଏ ନେଇ ସାନ ଝିଅ ରଶ୍ମୀ ଦାସ କୁହନ୍ତି, ବାଉଁଶରାଣୀ ଖେଳକୁ ଆମର ପୂର୍ବଜମାନେ ଦେଖାଇ ଆସୁଥିଲେ। ତେବେ ବାପାଙ୍କ ପରିଶ୍ରମ ଓ ଖେଳ ଫ୍ରାନ୍ସରେ ପ୍ରଦର୍ଶନ ପରେ ଅଧିକ ଲୋକ ପ୍ରିୟ ହୋଇ ପାରିଥିଲା। ବାଉଁଶରାଣୀ ଖେଳ ପାଇଁ ବାପା ଅନେକ ସ୍ଥାନରେ ପ୍ରମାଣପତ୍ର ହାସଲ କରିଛନ୍ତି। ବାପାଙ୍କ ମୃତ୍ୟୁ ପରେ ଖେଳ ପ୍ରଦର୍ଶନ କରିବା ଓ ଆଗକୁ ନେବାକୁ କେହି ନାହାନ୍ତି। ବାପା ଅଗଷ୍ଟ ୨୪ରେ ପ୍ରାଣ ହରାଇଥିଲେ।

**କଳାକାର ଭତ୍ତା ପାଇବାରୁ ବଞ୍ଚିତ ବୃଦ୍ଧା**

ଦେଶ ଓ ବିଦେଶରେ ବାଉଁଶରାଣୀ ଖେଳ ପ୍ରଦର୍ଶନ କରୁ କରୁ କେତେବେଳେ ଯେ ବାର୍ଦ୍ଧକ୍ୟରେ ପହଞ୍ଚି ଯାଇଥିଲେ। ଜୟଦୁର୍ଗା ବାଉଁଶ ରାଣୀ କଳା ନୈପୂଣ୍ୟ ଗୋଷ୍ଠୀର ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ରଙ୍କର ସ୍ତ୍ରୀ ଛାୟା (୭୬) ଜାଣି ପାରି ନ ଥିଲେ। ତେବେ ସରକାର ଛାୟାଙ୍କୁ କଳାକାର ଭତ୍ତା ଦେଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ସରକାର କଳାକାର ଭତ୍ତା ଯୋଗାଇ ଦେବାକୁ ସାଧାରଣରେ ଦାବି ଉଠିଛି।

## ସଂଗ୍ରାହକ ଦାନ କଲେ ଖବରକାଗଜରେ ପ୍ରକାଶ ପାଇଥିବା ରିପୋର୍ଟର ୪ଟି ଫୋଲଡର



ନୟାଗଡ଼,୭।୯(ଲୋକନାଥ ମିଶ୍ର)

**ଜଗନ୍ନାଥ ସଂସ୍କୃତି, ଦାସିଆ ଅଜାଙ୍କ ଉପରେ ପ୍ରକାଶିତ ରିପୋର୍ଟ ରହିଛି**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଦୁର୍ଦ୍ଧୁରାସ୍ଥିତ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ଅନୁଷ୍ଠାନକୁ ଖୋର୍ଦ୍ଧା ଜିଲା ଜଟଣୀର ବିଶିଷ୍ଟ ସଂଗ୍ରହକ ବିଭୂତି ପଟ୍ଟନାୟକ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଥିବା ଜଗନ୍ନାଥ ସଂସ୍କୃତି ଓ ଦାସିଆ ଅଜାଙ୍କ ଜୀବନୀ ଉପରେ ରିପୋର୍ଟ ପ୍ରଦାନ କରିଛନ୍ତି। ଖବରକାଗଜର ରିପୋର୍ଟଗୁଡ଼ିକୁ ଆମ ଶ୍ରୀକ୍ଷେତ୍ରର ୪ ଟି ଫୋଲଡରେ ରଖାଯାଇଛି। ଫୋଲଡ଼ରରେ ଏକ ହଜାରରୁ ଉର୍ଦ୍ଧ୍ୱ ପୃଷ୍ଠା ରହିଛି। ସେହିପରି କଳା ସଂସ୍କୃତି ଉପରେ ପ୍ରକାଶ ପାଇଥିବା ୧୬ଟି କଲର ଜେରକ୍ସ ମଧ୍ୟ ଦେଇଛନ୍ତି। ଅନ୍ୟପକ୍ଷେ ଗ୍ରୀନିଜ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିବା ଖବର କାଗଜ ସଂଗ୍ରାହକ ପେପର ମ୍ୟାନ୍ ଶଶାଙ୍କ ଦାସଙ୍କ ପ୍ରକାଶିତ ହୋଇଥିବା ପ୍ରଥମ ଖବର କାଗଜ ବି ରହିଛି। ପୁଣି ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା କଟାଯାଇଥିବା ପୁରୁଣା, ଚିରା କିମ୍ବା ଅଯୋଗ୍ୟ ନୋଟ୍‌ରୁ ତିଆରି ଖଣ୍ଡ ଖଣ୍ଡ ମୁଦ୍ରାର ଅଚଳ ନୋଟ୍ ସମ୍ବନ୍ଧୀୟ ପ୍ୟାକେଟ ରହିଛି। ଯାହାକି ପ୍ରଦର୍ଶନୀ, ସଚେତନତା କାର୍ଯ୍ୟକ୍ରମ ସମୟରେ, ସଂଗ୍ରହକାରୀଙ୍କ ପାଇଁ ସ୍ମାରକୀ ଭାବରେ ସାଇତି ରଖିବା ନିମନ୍ତେ ଶିକ୍ଷାଗତ ଉଦ୍ଦେଶ୍ୟରେ ସଂଗ୍ରହାଳୟଗୁଡ଼ିକୁ ରିଜର୍ଭ ବ୍ୟାଙ୍କ ଦେଇଥାଏ। ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଂଗ୍ରାହକ ସଞ୍ଜୟ କୁମାର ଏହାକୁ ଗ୍ରହଣ କରି ଖୁସି ହୋଇଥିଲେ।

## ପ୍ରଶାସନ ଶୁଣିଲାନି, ଗାଁ ରାସ୍ତା କଲେ ଯୁବଗୋଷ୍ଠୀ

ଭାପୁର, ୭।୯ ( ପ୍ରଭାତ ବରାଡ)

ଭାପୁର ବ୍ଲକ ଅନ୍ତର୍ଗତ ରାକମା ପଞ୍ଚାୟତ ଅଧୀନ ବାଦିଲୋ ଗାଁଠାରୁ ମାନପୁର ଛେଳିଆ ରାସ୍ତା ପଙ୍କ କାଦୁଅ ଓ ଖାଲ ଢିପରେ ଯାତାୟାତ ବାଧାପ୍ରାପ୍ତ ହେଉଥିଲା। ଛୋଟମୋଟ ଦୁର୍ଘଟଣା ମଧ୍ୟ ଘଟି ଗ୍ରାମର ଛାତ୍ରୀଛାତ୍ର, ମହିଳାପୁରୁଷ ଆହତ ମଧ୍ୟ ହେଉଛନ୍ତି। ଅଭିଯୋଗ ପରେ ପ୍ରଶାସନ କୌଣସି ପଦକ୍ଷେପ ନେଲାନାହିଁ। ଶେଷରେ ବାଦିଲୋ ଗ୍ରାମର ଯୁବଗୋଷ୍ଠୀ ରାସ୍ତା ମରାମତି କରିଛନ୍ତି।

ରାକମା ପଞ୍ଚାୟତର ବାଦିଲୋ ଗାଁ ମୁଣ୍ଡ କୈବର୍ତ୍ତ ସାହିଠାରୁ ବାଉଁଶବାଟୀ ଛେଳିଆ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଏହି ରାସ୍ତା ଲାଗିଛି। ଏହି ମୋରମ ମାଟି ରାସ୍ତାରେ ଟ୍ରାକ୍ଟର ଯିବା ଆସିବା ଓ ବର୍ଷା ଯୋଗୁ ଖାଲଢିପ, ପଙ୍କ କାଦୁଅରେ ସାଇକେଲ ତ ଦୂରର କଥା ଚାଲିକି ଯିବା ସମ୍ଭବ ପର ନୁହେଁ। ଏହି ରାସ୍ତା ଦେଇ ଛେଳିଆ, ବାଦିଲୋ ଗ୍ରାମର ଜନସାଧାରଣ ଓ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯାଇଥାନ୍ତି। ମାନପୁର ଗ୍ରାମର ଜନସାଧାରଣ ପଞ୍ଚାୟତକୁ ରାଶନ ସାମଗ୍ରୀ ନେବାକୁ ଆସି ଦୁର୍ଘଟଣାରେ ଆହତ ମଧ୍ୟ ହୋଇଛନ୍ତି। ଏହି ଅଧ କିଲୋମିଟର ପଙ୍କ କାଦୁଅ ରାସ୍ତା ପାଇଁ ୧୦ କିଲୋମିଟର ରାସ୍ତା ତଥା ମାରଡା କିମ୍ବା ବିଜିପୁର ରାସ୍ତା ଦେଇ ବୁଲି ଆସିବାକୁ ପଡ଼ିଥାଏ। ଗ୍ରାମବାସୀ ଏ ନେଇ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରି ନ ଥିଲେ। ରାକମା ପଞ୍ଚାୟତର ସରପଞ୍ଚ ସନ୍ତୋଷୀ ବେହେରା ସେହି ରାସ୍ତାରେ ପଥର ଡଷ୍ଟ ପକାଇଥିଲେ। ତାଙ୍କର କହିବା ଅନୁଯାୟୀ, ୩ବର୍ଷ ହେଲା ନିଜସ୍ୱ ହାତ ଖର୍ଚ୍ଚରୁ ଡଷ୍ଟ ପକାଉଛନ୍ତି। ବାଦିଲୋ ଗ୍ରାମର ଯୁବଗୋଷ୍ଠୀ ଅଭିଯୋଗ ପରେ ନିଜ ହାତ ଖର୍ଚ୍ଚରୁ ଡଷ୍ଟଗୁଣ୍ଡ ପକାଇଛି। ବାଦିଲୋ ଗ୍ରାମର ଶିକ୍ଷକ ନାଗାର୍ଜୁନ ବେହେରାଙ୍କ ନେତୃତ୍ୱରେ ଗ୍ରାମର ଯୁବଗୋଷ୍ଠୀ ଗଣେଶ ବେହେରା, ନନ୍ଦୁ ବେହେରା, ଚନ୍ଦନ ବେହେରା, ଚନ୍ଦୁ ବେହେରା, ପବନା ବେହେରା, ଉଦ୍ଧବ ବେହେରା, ବିପିନ ବେହେରା ପ୍ରମୁଖ ହାତରେ କୋଡ଼ି,ଗାଣ୍ଟୁଆ ଧରି ରାସ୍ତା ମରାମତି କରିଥିଲେ। ପିଲାମାନଙ୍କ ଏଭଳି କାର୍ଯ୍ୟକୁ ଗ୍ରାମର ବୁଦ୍ଧିଜୀବୀ ପ୍ରଂଶସା କରିଛନ୍ତି।



ଯୁବକମାନେ ରାସ୍ତା ମରାମତି କରୁଛନ୍ତି।

# ରଣପୁର ଥାନା ସମ୍ମୁଖରେ ୬ ଘଣ୍ଟାର ବିକ୍ଷୋଭ

**ମଦ୍ରାସା ପାଇଖାନା ଟାଙ୍କିରୁ ନିଖୋଜ ଛାତ୍ରଙ୍କ ମୃତଦେହ ଜବତ ଘଟଣା**

**ସିସିଟିଭି ଫୁଟେଜ୍ ଦେଖାଇବା ପରେ ଛତ୍ରଭଙ୍ଗ ଦେଲେ ପରିବାର ଲୋକ**

## ୫ ନାବାଳକ ଛାତ୍ର ବାଳସୁଧାର ଗୃହକୁ ଯିବାର ପ୍ରତିବାଦ

ନୟାଗଡ/ରଣପୁର,୭।୯(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)



ଗ୍ରାମବାସୀମାନେ ରଣପୁର ଥାନା ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

ନୟାଗଡ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି କୁଳାସର ପଞ୍ଚାୟତ ନୀଳପଲ୍ଲୀ ଗାଁର ମଦ୍ରାସାରେ ଜଣେ ୧୨ ବର୍ଷର ଛାତ୍ରଙ୍କୁ ହତ୍ୟାକରି ୫ ଜଣ ନାବାଳକ ପରିତ୍ୟକ୍ତ ପାଇଖାନାକୁ ଫୋପାଡି ଦେଇଥିଲେ। ଏହି ଘଟଣାରେ ରଣପୁର ଥାନା ଓ ସୁନାଖଳା ଫାଣ୍ଡି ପୋଲିସ ତଦନ୍ତ କରି ଉକ୍ତ ମଦ୍ରାସାର ୫ ନାବାଳକ ଛାତ୍ରଙ୍କୁ ନୟାଗଡ଼ ବାଳ ଅପରାଧ କୋର୍ଟରେ ଶନିବାର ହାଜର କରାଇଥିଲେ। କୋର୍ଟ ନିର୍ଦ୍ଦେଶ ମୁତାବକ ପୋଲିସ ୧୩ ଦିନ ପାଇଁ ୫ ଛାତ୍ରଙ୍କୁ ଅନୁଗୋଳ ବାଳସୁଧାର ଗୃହକୁ ପଠାଇଛି। ଏଭଳିସ୍ଥଳେ ରବିବାର ୫ ନାବାଳକ ଛାତ୍ରଙ୍କ ପରିବାର ସମେତ ମୃତ ଛାତ୍ରଙ୍କ ପରିବାର ଏବଂ କେତେଜଣ ଗ୍ରାମବାସୀ ପୋଲିସର କାର୍ଯ୍ୟାନୁଷ୍ଠାନକୁ ପ୍ରତିବାଦ କରି ରଣପୁର ଥାନା ସମ୍ମୁଖରେ ପୂର୍ବାହ୍ନ ୯ଟାରେ ବିକ୍ଷୋଭ କରିଥିଲେ। ହତ୍ୟାକାରୀ ଛାତ୍ର ନୁହେଁ, ମଦ୍ରାସାର ଶିକ୍ଷକମାନେ ବୋଲି ଯୁକ୍ତି ବାଢ଼ିଥିଲେ। ଏପରିକି ଶିକ୍ଷକମାନେ ଛାତ୍ରଙ୍କୁ ମାରି ପାଇଖାନା ଟାଙ୍କିରେ ପକାଇ ଛାତ୍ରମାନଙ୍କୁ ଫସାଇ ଦେଇଛନ୍ତି ବୋଲି ଅଭିଯୋଗ କରିଥିଲେ। ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳା ଓ ପୁରୁଷମାନଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ବଦଳରେ ବଢ଼ିଚାଲିବାରୁ ସାମୟିକ ପାଇଁ ଉତ୍ତେଜନା ଦେଖାଦେଇଥିଲେ। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ରଣପୁର ଆଖପାଖ ଅଞ୍ଚଳରେ ଥାନା ଓ ଫାଣ୍ଡି ପୋଲିସ ନିୟୋଜିତ ହୋଇଥିଲେ। ଘଟଣା ସମ୍ପର୍କରେ ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଶେଷରେ ପୋଲିସ ମଦ୍ରାସାରେ ଘଟିଥିବା ହତ୍ୟାକାଣ୍ଡର ସିସିଟିଭି ଫୁଟେଜ୍ ଦେଖାଇବା ପରେ ଆନ୍ଦୋଳନକାରୀ ଛତ୍ରଭଙ୍ଗ ଦେଇଥିଲେ। ଫଳରେ ୬ ଘଣ୍ଟା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅଭିଯୋଗ ଅନୁସାରେ ରହିମ୍ (ଛଦ୍ମନାମ) ନୀଳପଲ୍ଲୀ ଗାଁର ଏକ ମଦ୍ରାସାରେ ଅନ୍ତେବାସୀ ଭାବେ ରହି ପ୍ରାୟ ୧ବର୍ଷ ହେଲା ପାଠ ପଢୁଥିଲେ। ତାଙ୍କର ମୃତଦେହ ୩ ତାରିଖ ଅପରାହ୍ନ ୧ଟାରେ ପରିତ୍ୟକ୍ତ ପାଇଖାନା ଭିତରେ ଭାସୁଥିବା ଦେଖିବାକୁ ମିଳିଥିଲା। ପାଇଖାନା ଟାଙ୍କିର ଗୋଟିଏ ମୁହଁରେ ରହିମ୍‌ଙ୍କ ମୃତଦେହ ଓ ଅନ୍ୟମୁହଁରେ ଏକ କୁକୁରର ମୃତଦେହ ଭାସୁଥିଲା। ପାରିପାର୍ଶିକ ସ୍ଥିତି ଓ ମଦ୍ରାସା କର୍ତ୍ତୃପକ୍ଷଙ୍କ ଅସହଯୋଗକୁ ଭିତ୍ତିକରି ହତ୍ୟା କରାଯାଇଥିବା ସନ୍ଦେହ ଉଠିଥିଲା। ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ପରେ ପୋଲିସ ୨୭୦/୨୫ ନମ୍ବରରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ରହିମ୍‌ଙ୍କ ସହିତ ଅପ୍ରାକୃତ ଯୌନ ସମ୍ପର୍କ ରଖି ତାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିଲା। ଏହାପରେ ତାଙ୍କ ମୃତଦେହକୁ ପାଇଖାନା ଟାଙ୍କିରେ ଫୋପାଡି ଦିଆଯାଇଥିଲା। ପୋଲିସ ଏହି ଘଟଣାରେ ୫ ନାବାଳକ ଛାତ୍ରଙ୍କୁ ହତ୍ୟାକାରୀ ରୂପେ ଚିହ୍ନଟ କରିଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆଶୀର୍ବାଦ



@ ବୁବୁ



@ ମହେଶ୍ୱେତା



@ ସୌମ୍ୟରଞ୍ଜନ



@ ଶ୍ରୀକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗୋକୁଳାନନ୍ଦ ପୀଠରେ ଭାଗବତ ଜନ୍ମ

ଖଣ୍ଡପଡା,୭।୯
(ଅଜୟ କୁମାର ମହାରଣା)



ଭାଦ୍ରବ ପୂର୍ଣ୍ଣିମାରେ କଣ୍ଟିଲୋ ନୀଳମାଧବ ପୀଠ, ରାଧାମୋହନ ଜୀଉ ମଠ, ଖଳିସାହିସ୍ଥ ଜଗନ୍ନାଥ ମନ୍ଦିର ଓ ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉପୀଠରେ ରବିବାର ଭାଗବତ ଜନ୍ମ ପାଳିତ ହୋଇଯାଇଛି। ଏହି ଅବସରରେ ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ପୀଠ ଓ ଜଗନ୍ନାଥ ମନ୍ଦିରରେ ସକାଳୁ ମଙ୍ଗଳ ଆଳତୀ କରାଯାଇ ସୂର୍ଯ୍ୟ ପୂଜା ପରେ ଭାଗବତ ପୋଥିକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରିବା ସହ ପୂର୍ବାହ୍ନରୁ ଏଠାରେ ଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଗୋକୁଳାନନ୍ଦ ପୀଠରେ ସ୍ଥାନୀୟ ସଂକୀର୍ତ୍ତନମଣ୍ଡଳୀ ଦ୍ୱାରା ଦିନତମାମ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଯୁବକମାନେ ଶ୍ରୀମଦ ଭାଗବତ ଦ୍ୱାଦଶ ସ୍କନ୍ଧ ପଠନ କରିଥିଲେ। ଉକ୍ତ ପୀଠରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ୧୨ ସ୍କନ୍ଧ ଭାଗବତ ପଠନ କରାଯାଇଥିଲା। ଠାକୁରଙ୍କ ମଙ୍ଗଳ ଆଳତୀ ପରେ ଷୋଡଷ ଉପଚାର ପୂଜା ଓ ହୋମକାର୍ଯ୍ୟ ପୁରୋଧା ବିରୁପାକ୍ଷ ମିଶ୍ର ସମ୍ପାଦନ କରିଥିଲେ। ପୂଜା କମିଟିର ସମ୍ପାଦକ ଚନ୍ଦ୍ର ଶେଖର ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୂଚନା ଯୋଗ୍ୟ, ଗ୍ରାମର ସ୍ୱର୍ଗତ ସାର୍ଥକ ମହାଳିଙ୍କ ଦ୍ୱାରା ପ୍ରଦତ୍ତ ଭାଗବତ ଗାଦିକୁ ଗୋକୁଳାନନ୍ଦ ଜୀଉଙ୍କ ମନ୍ଦିରରେ ରଖାଯାଇ ପ୍ରତିବର୍ଷ ଆଜିର ତିଥିରେ ଏହି କାର୍ଯ୍ୟକ୍ରମ କରାଯାଉଛି।

ଯେଉଁ ଶକ୍ତି ସବୁ ସାଧନ କରିପାରିବ- ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ- ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। -ଶ୍ରୀଅରବିନ୍ଦ



# କାଠଗୁଡ଼ା ଗଡ଼ିଗଲା

ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପୂର୍ଣ୍ଣ ଭାବେ କିଭଳି ଅନୁଭୂତ ହେଲାଣି ତା'ର ସଦ୍ୟ ଦୃଷ୍ଟାନ୍ତ ... ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା, ଦିଲ୍ଲୀ ଏବଂ ଜମ୍ମୁ ଓ କଶ୍ମୀରରୁ ଦେଖିବାକୁ ମିଳିଛି। ଏହି ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର କେତେକ ସ୍ଥାନରେ ଗୋଟିଏ ଦିନରେ ଯେଭଳି ବର୍ଷା ହୋଇଛି, ତାହା ଗୋଟେ ମାସର ରେକର୍ଡ ସହ ସମାନ ବୋଲି କୁହାଗଲାଣି। ଚଳିତ ଋତୁରେ ହିମାଚଳ ପ୍ରଦେଶ ଓ ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟରେ ଯେଉଁଭଳି ବନ୍ୟା ସ୍ଥିତିର ଭିଡିଓ ଦେଖିବାକୁ ମିଳିଛି, ସେଥିରୁ ମନୁଷ୍ୟକୃତ ବିପର୍ଯ୍ୟୟ ଯୋଗୁ ପ୍ରକୃତିର ରୋଷ କିଭଳି ରୂପ ଧାରଣ କରିପାରେ ତାହା ଅନୁମେୟ। ନଦୀଜଳରେ ଅସଂଖ୍ୟ କାଠଗଣ୍ଡି ଭାସିଯିବାର ଦୃଶ୍ୟ ସୂଚାଇ ଦେଇଛି ଯେ କେତେ ମାତ୍ରାରେ ସେହି ସବୁ ଅଞ୍ଚଳରେ ଗଛ କଟାଯାଉଛି। ଏଥିରେ ସ୍ଥାନୀୟ ଅଧିବାସୀ ଓ ସରକାରୀ କର୍ମଚାରୀଙ୍କ ସହ କେଉଁ ଧରଣର ମଧୁର ସମ୍ପର୍କ କାଠ ମାଫିଆ ରଖିଛନ୍ତି, ତାହା ବୁଝି ହୋଇଯାଉଛି। ଗଛ କାଟି ତାହାକୁ ଗଦାଗଦା କରି ରଖିଥିବା ବେଳେ ସେଗୁଡ଼ିକ ବନ୍ୟା ଜଳରେ ଭାସିଯିବା ପରେ ସବୁ ବିଷୟ ପଦାକୁ ଆସିଛି। ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟଗୁଡ଼ିକରେ କ୍ରମାଗତ ଭୂସ୍ଖଳନ ଓ ବନ୍ୟା ପାଇଁ ବେଆଇନ ଗଛକଟା ଦାୟୀ ବୋଲି ୪ ସେପ୍ଟେମ୍ବରରେ ସୁପ୍ରିମକୋର୍ଟ କହିବା ସହ କେନ୍ଦ୍ର ସରକାର, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ପ୍ରଭାବିତ ରାଜ୍ୟଗୁଡ଼ିକୁ ଜବାବ ମାଗିଥିଲେ। ଏଥିସହିତ ସର୍ବୋଚ୍ଚ ଅଦାଲତଙ୍କ ଖଣ୍ଡପୀଠ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ସମେତ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ ଓ କଶ୍ମୀର ଏବଂ ପଞ୍ଜାବ ସରକାରଙ୍କୁ ଏ ନେଇ ନୋଟିସ ଜାରି କରିଛନ୍ତି। ଭିତ୍ତିଭୂମି ବିକାଶ ଓ ପରିବେଶ ସୁରକ୍ଷା ଦିଗରେ ଏମାନେ କ'ଣସବୁ ପଦକ୍ଷେପ ନେଉଛନ୍ତି ସେହି ବିଷୟରେ କୋର୍ଟ ଜାଣିବାକୁ ଚାହିଁବା ନିଶ୍ଚିତ ଭାବେ ଏକ ସମ୍ବେଦନଶୀଳ ପ୍ରସଙ୍ଗ ଆମ ସମସ୍ତଙ୍କ ସମ୍ମୁଖରେ ଦଣ୍ଡାୟମାନ।

ବିକାଶ ନାମରେ ପରିବେଶକୁ ଧ୍ୱଂସ କରାଗଲେ ତା'ର କୁଫଳ ଏହି ମଣିଷକୁ ଭୋଗ କରିବାକୁ ପଡୁଛି। ଅନାବଶ୍ୟକ ସ୍ଥଳେ ଓ ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରା ନ ଯାଇ ଅବିଚାରିତ ଭାବେ ଗଛ କାଟି ଦିଆଯାଉଥିବାରୁ ତାହାର ସିଧାସଳଖ ପ୍ରଭାବ ପରିସଂସ୍ଥାନ ଉପରେ ପଡୁଛି। ହିମାଳୟ ସଂଲଗ୍ନ ରାଜ୍ୟଗୁଡ଼ିକରେ ବ୍ୟାପକ ଗଛକଟା, ନଦୀ ଅଞ୍ଚଳଗୁଡ଼ିକରେ ଅସଂଖ୍ୟ ଜଳବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ ଏବଂ ପର୍ଯ୍ୟଟନକୁ ବଢ଼ାଇବା ଲାଗି ହେଉଥିବା ନିର୍ମାଣ ଭୂସ୍ଖଳନ, ବାଦଲଫଟା ବର୍ଷା ଓ ବନ୍ୟା ସୃଷ୍ଟି କରୁଛି ବୋଲି ଅନେକ ଗବେଷଣାତ୍ମକ ରିପୋର୍ଟ ପ୍ରକାଶ ପାଉଛି। ହେଲେ କେହି ଏହାକୁ ଶୁଣିବା ସ୍ଥିତିରେ ଥିବା ଭଳି ମନେହେଉ ନାହିଁ। ମଣିଷର ଲୋଭ ଓ ସାମୟିକ ଲାଭ ପାଇଁ ସମ୍ପୃକ୍ତ ଅଞ୍ଚଳର ମାଟି ଦିନକୁ ଦିନ ଫମ୍ପା ହେବାରେ ଲାଗିଛି। ସମସ୍ତେ ଜାଣିଛେ ଯେ, ଗଛ ସଂଖ୍ୟା କମିଗଲେ ମାଟି ଧୋଇଯିବା ସହ ବର୍ଷା ଜଳ ନଦୀକୁ ଯାଇ ଅସମ୍ଭାଳ ବନ୍ୟାସ୍ଥିତି ସୃଷ୍ଟି କରିଥାଏ। ପୁଣି ବିକାଶ ନାମରେ ଯେଉଁଠାରେ ଗଛ କଟା ଚାଲୁଛି, ସେହି ସଂଖ୍ୟାକୁ ପୂରଣ କରିବା ଲାଗି ନିକଟ ଅଞ୍ଚଳରେ ବନୀକରଣକୁ ଗୁରୁତ୍ୱ ଦିଆଯିବା କଥା। ହେଲେ ସେହି ଦିଗ ପ୍ରତି ବିଶେଷ ଦୃଷ୍ଟି ଦିଆଯାଉ ନ ଥିବାରୁ ସ୍ଥିତି ବିଗିଡ଼ିବାରେ ଲାଗିଛି। ଏସବୁକୁ ଦେଖି ସ୍ପଷ୍ଟ ଭାବେ କହିହେବ ଯେ, ମନୁଷ୍ୟକୃତ ଭୁଲ କାର୍ଯ୍ୟ ଯୋଗୁ ଜଳବାୟୁ ପରିବର୍ତ୍ତନ ଓ ତତ୍‌ଜନିତ ବିପଦ ବଢ଼ିଚାଲିଛି। କେବଳ ହିମାଳୟ ଅଞ୍ଚଳ ନୁହେଁ, ଓଡ଼ିଶାରେ ଥିବା ପରିବେଶ ସମ୍ବେଦନଶୀଳ ଅଞ୍ଚଳ ସାତକୋଶିଆ, ଚିଲିକା, ଶିମିଳିପାଳ ଆଦି ମଣିଷର ଲୋଭାତୁର କାର୍ଯ୍ୟ ଯୋଗୁ ବିଗିଡ଼ି ଗଲାଣି। ଚିଲିକାରେ ସିପ୍ଲେନ୍ ଉଡ଼ିବା ନେଇ ନିକଟରେ ଆଲୋଚନା ହେବା ସହଜରେ ଭାଙ୍ଗିପାରୁଥିବା ପରିବେଶ ଭାରସାମ୍ୟ (ଫ୍ରାଜାଇଲ୍ ଇକୋଲୋଜିକାଲ ବାଲାନ୍ସ)କୁ କ୍ଷତି ପହଞ୍ଚାଇବା ଜଳ ଜଳ ଦିଶୁଛି। ଏମିତି ଦେଖିଲେ ଓଡ଼ିଶାର ଅନେକ ଇଲାକା ବନ୍ୟା ଓ ବାତ୍ୟା ପ୍ରବଣ ରହିଛି। ଯଦି ମଣିଷର ଗୋଟିଏ ଗୋଟିଏ ପ୍ରକୃତିବିଗିଡ଼ା କାମ ବଢ଼ି ଚାଲିବ, ତାହାର କୁପ୍ରଭାବ ଏହି ପ୍ରାଣୀଜଗତ ଭୋଗିବା ଥୟ।

ଏଠି ମନେପଡ଼େ ୨୦୨୨ ଫେବୃଆରୀରେ ପୃଥିବୀର ଫୁସ୍‌ଫୁସ୍ କୁହାଯାଉଥିବା ବ୍ରାଜିଲର ଆମାଜନ ଜଙ୍ଗଲରେ ବ୍ୟାପକ ଗଛ କଟାଯିବା ବିଷୟ। ଏଭଳି ଘଞ୍ଚ ଜଙ୍ଗଲ ଜଳବାୟୁ ସ୍ଥିର ରଖିବାରେ ସହାୟକ ହୋଇଥାଏ। ବିକାଶ ନାମରେ ଯେଉଁଭଳି ଭାବେ ଜଙ୍ଗଲ ଧ୍ୱଂସ କରାଗଲା ସେଥିଲାଗି ସେଠାକାର ତତ୍କାଳୀନ ରାଷ୍ଟ୍ରପତି ଜୈର ବୋଲ୍‌ସୋନାରୋଙ୍କୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଥିଲା। ଏପଟେ ଭାରତର ନଦୀରେ ଭାସି ଯାଉଥିବା କାଠଗଣ୍ଡିର ଦୃଶ୍ୟ ପ୍ରତ୍ୟେକ ଭାରତୀୟଙ୍କୁ ବ୍ୟଥିତ କରିବା କଥା। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ଏଭଳି ପ୍ରକୃତି ବିରୋଧୀ କାର୍ଯ୍ୟରେ ଜଡ଼ିତ ଲୋକଗୁଡ଼ାକୁ ଠାବ କରି ଦଣ୍ଡିତ କରିବାର ସମୟ ଆସିଲାଣି। ଏ ଦିଗରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ନିତାନ୍ତ ଆବଶ୍ୟକ। ସାମୟିକ ଲୋଭକୁ ଚରିତାର୍ଥ କରିବା ଲକ୍ଷ୍ୟରେ ବର୍ତ୍ତମାନ ଏସବୁ ପ୍ରତି ଆଖିବୁଜି ଦେଲେ ଆଗକୁ ସେହି ସବୁ ଅଞ୍ଚଳ ନଦୀଗର୍ଭକୁ ଚାଲିଯିବା ଡେରି ନୁହେଁ। ଗଦା ହୋଇଥିବା କାଠଗୁଡ଼ା ଗଡ଼ିଯାଉଥିବାର ଦୃଶ୍ୟ ଏବେ ସମସ୍ତଙ୍କ ପାଇଁ ସତର୍କଘଣ୍ଟି ବୋଲି ଭାବିବା ଦରକାର।

> **ସାମୟିକ ଲୋଭକୁ ଚରିତାର୍ଥ କରିବା ଲକ୍ଷ୍ୟରେ ପ୍ରକୃତିବିଗିଡ଼ା କାର୍ଯ୍ୟ ପ୍ରତି ବର୍ତ୍ତମାନ ଆଖିବୁଜି ଦେଲେ ଆଗକୁ ସେହି ସବୁ ଅଞ୍ଚଳ ନଦୀଗର୍ଭକୁ ଚାଲିଯିବା ଡେରି ନୁହେଁ। ଗଦା ହୋଇଥିବା କାଠଗୁଡ଼ା ଗଡ଼ିଯାଉଥିବାର ଦୃଶ୍ୟ ଏବେ ସମସ୍ତଙ୍କ ପାଇଁ ସତର୍କଘଣ୍ଟି ବୋଲି ଭାବିବା ଦରକାର।**

# ଭୂପେନ୍‌ଦା'ଙ୍କୁ ଶ୍ରଦ୍ଧାଞ୍ଜଳି



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆଜି ସେପ୍ଟେମ୍ବର ୮ ତାରିଖ। ଭାରତୀୟ ସଂସ୍କୃତି ଏବଂ ସଙ୍ଗୀତ ପ୍ରତି ଆଗ୍ରହ ରଖୁଥିବା ସମସ୍ତଙ୍କ ପାଇଁ ଏକ ବିଶେଷ ଦିନ। ଆଉ ବିଶେଷ ଭାବେ ମୋର ଆସାମର ଭାଇଭଉଣୀମାନଙ୍କ ପାଇଁ ଆଜିର ଦିନ ଅଧିକ ସ୍ୱତନ୍ତ୍ର। ଆଜି ଭାରତରତ୍ନ ଡକ୍ଟର ଭୂପେନ୍ ହଜାରିକାଙ୍କ ଜୟନ୍ତୀ। ସେ ଭାରତର ସବୁଠୁ ଅସାଧାରଣ ଓ ସବୁଠୁ ପ୍ରଭାବଶାଳୀ ଗାୟକଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ଚଳିତ ବର୍ଷ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନର ଶୁଭାରମ୍ଭ ହେବା ଖୁସିର ବିଷୟ। ଏହା ଭାରତୀୟ କଳାଜଗତ ଓ ଜନଚେତନା ଦିଗରେ ତାଙ୍କର ମହାନ୍ ଅବଦାନକୁ ସ୍ମୃତିଚାରଣ କରିବାର ଏକ ଅବସର। ଭୂପେନ୍‌ଦା' ଆମକୁ ଯାହା ଦେଇଥିଲେ, ତାହା ସଙ୍ଗୀତଠାରୁ ଢେର ଦୂର ପର୍ଯ୍ୟନ୍ତ ପରିବ୍ୟାପ୍ତ। ତାଙ୍କର କାର୍ଯ୍ୟଗୁଡ଼ିକ ସ୍ୱରକୁ ଅତିକ୍ରମ କରୁଥିବା ଭାବନାକୁ ମୂର୍ତ୍ତିମନ୍ତ କରିଥିଲା। କେବଳ ଏକ କଣ୍ଠସ୍ୱର ନୁହେଁ, ବରଂ ସେ ଲୋକମାନଙ୍କ ହୃଦୟର ସ୍ପନ୍ଦନ ଥିଲେ। ଅନେକ ପିଢ଼ି ତାଙ୍କ ଗୀତ ଶୁଣି ବଡ଼ ହୋଇଛନ୍ତି। ତାଙ୍କ ସଙ୍ଗୀତରେ ସବୁବେଳେ ଦୟା, ଅନୁକମ୍ପା, ସାମାଜିକ ନ୍ୟାୟ, ଏକତା ଏବଂ ଗଭୀର ସମ୍ପର୍କବୋଧର ବିଷୟବସ୍ତୁ ସହିତ ଗୁଞ୍ଜରିତ ହୋଇଥାଏ। ଭୂପେନ୍‌ଦା'ଙ୍କ ରୂପରେ ଆସାମରୁ ଉତ୍ପତ୍ତି ହୋଇଥିବା ଏହି ସ୍ୱର ଏକ କାଳଜୟୀ ନଦୀ ପରି ପ୍ରବାହିତ ହୋଇଥିଲା। ଭୂପେନ୍‌ଦା' ସଶରୀରରେ ଆଜି ଆମ ଗହଣରେ ନାହାନ୍ତି, କିନ୍ତୁ ତାଙ୍କ ସ୍ୱର ଆଜି ବି ଆମେ ଶୁଣିପାରୁଛୁ। ସେ ସ୍ୱର ଆଜି ବି ସବୁ ସୀମା ଏବଂ ସଂସ୍କୃତିକୁ ଅତିକ୍ରମ କରିଛି। ସେଥିରେ ରହିଛି ମାନବୀୟ ଭାବନାର ସ୍ପର୍ଶ। ଭୂପେନ୍‌ଦା' ବିଶ୍ୱ ପରିଭ୍ରମଣ କରିଥିଲେ, ସମାଜର ସବୁବର୍ଗର ଲୋକଙ୍କ ସହ ମିଶିଥିଲେ। କିନ୍ତୁ ସେ ଆସାମ ସହିତ ଗଭୀର ଭାବରେ ଜଡ଼ିତ ଥିଲେ। ଆସାମର ସମୃଦ୍ଧ ମୌଖିକ ପରମ୍ପରା, ଲୋକସଙ୍ଗୀତ ଏବଂ ଲୋକକଥା କହିବାର ଧାରା ତାଙ୍କ ଶୈଶବକୁ ଗଭୀର ଭାବରେ ଗଢ଼ିତୋଳି ଥିଲା। ଏହି ଅଭିଜ୍ଞତା ତାଙ୍କର କଳାତ୍ମକ ଶବ୍ଦକୋଷର ମୂଳଦୁଆ ଥିଲା। ସେ ସବୁବେଳେ ଆସାମର ଜନଜାତିଙ୍କ ପରିଚୟ ଏବଂ ଏହାର ଲୋକଙ୍କ ନୀତିକୁ ସାଙ୍ଗରେ ନେଇ ଚାଲୁଥିଲେ। ଖୁବ୍‌କମ୍ ବୟସରେ ଭୂପେନ୍‌ଦା'ଙ୍କ ନିକଟରେ ଥିବା ପ୍ରତିଭାର ପରିପ୍ରକାଶ ଘଟିଥିଲା। ମାତ୍ର ପାଞ୍ଚ ବର୍ଷ ବୟସରେ ସେ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଗୀତ ଗାଇଥିଲେ। ଖୁବ୍‌ଶୀଘ୍ର ସେ ଅନ୍ୟ କାହାର ନୁହେଁ ବରଂ ଅହମିୟା ସାହିତ୍ୟର ଅଗ୍ରଦୂତ ଲକ୍ଷ୍ମୀନାଥ ବେଜବରୁଆଙ୍କ ଧ୍ୟାନଆକର୍ଷଣ କରିଥିଲେ। କିଶୋର ବୟସ ବେଳକୁ ସେ ତାଙ୍କର ପ୍ରଥମ ଗୀତ ରେକର୍ଡ କରିଥିଲେ। କିନ୍ତୁ ସଙ୍ଗୀତ ତାଙ୍କ ବ୍ୟକ୍ତିତ୍ୱର କେବଳ ଗୋଟିଏ ଦିଗ ଥିଲା। ଭୂପେନ୍‌ଦା' ହୃଦୟରେ ଜଣେ ବୌଦ୍ଧିକ ବ୍ୟକ୍ତିତ୍ୱ ଥିଲେ। ସେ ଜିଜ୍ଞାସୁ, ସ୍ପଷ୍ଟବାଦୀ ଥିଲେ ଏବଂ ଦୁନିଆକୁ ଜାଣିବାର ଏକ ଅତୃପ୍ତ ଇଚ୍ଛା ତାଙ୍କ ଭିତରେ ରହିଥିଲା। ଜ୍ୟୋତି ପ୍ରସାଦ ଅଗ୍ରୱାଲା ଏବଂ ବିଷ୍ଣୁ ପ୍ରସାଦ ରଭାଙ୍କ ପରି ସାଂସ୍କୃତିକ କିମ୍ବଦନ୍ତୀଙ୍କ ବ୍ୟକ୍ତିତ୍ୱ ତାଙ୍କ ମନରେ ଗଭୀର ଛାପ ଛାଡ଼ିଥିଲା। ଏହା ତାଙ୍କର ଜିଜ୍ଞାସୁ ମନୋଭାବକୁ ମଧ୍ୟ ଗଭୀର କରିଥିଲା। ଶିଖିବା ପ୍ରତି ତାଙ୍କର ଅଦମ୍ୟ ଇଚ୍ଛା, ତାଙ୍କୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କଟନ କଲେଜ ପର୍ଯ୍ୟନ୍ତ ଟାଣିଆଣି ଥିଲା। ସେ ବିଏଚ୍‌ୟୁରେ ରାଜନୀତି ବିଜ୍ଞାନର ଛାତ୍ର ଥିଲେ, କିନ୍ତୁ ତାଙ୍କର ଅଧିକାଂଶ ସମୟ ସଙ୍ଗୀତ ସାଧନାରେ ବିତୁଥିଲା। ବନାରସ ତାଙ୍କୁ ସମ୍ପୂର୍ଣ୍ଣ ଭାବେ ସଙ୍ଗୀତମନସ୍କ କରିଥିଲା। କାଶୀର ସାଂସଦ ହୋଇଥିବା ଦୃଷ୍ଟିରୁ ତାଙ୍କ ଜୀବନଯାତ୍ରା ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ ମୋଡ଼କୁ ଅନୁଭବ କରିପାରୁଛି ଏବଂ ଏହାକୁ ନେଇ ମୁଁ ଅତ୍ୟନ୍ତ ଗର୍ବିତ। କାଶୀଠାରୁ ଆଗକୁ ବଢ଼ିଥିବା ଜୀବନଯାତ୍ରାରେ ସେ କିଛି ସମୟ ଆମେରିକାରେ ବିତାଇଥିଲେ। ସେଠାରେ ସେ ତତ୍କାଳୀନ ସମୟର ଶ୍ରେଷ୍ଠ ବିଦ୍ୱାନ୍, ଚିନ୍ତାନାୟକ ଏବଂ ସଙ୍ଗୀତଜ୍ଞମାନଙ୍କ ସହ ବିଚାର ମନ୍ଥନ କରିବାର ସୁଯୋଗ ପାଇଥିଲେ। ସେ କିମ୍ବଦନ୍ତୀ କଳାକାର ଏବଂ ମାନବାଧିକାର ନେତା ପଲ୍ ରବସନଙ୍କୁ ଭେଟିଥିଲେ। ରବସନଙ୍କ ଗୀତ 'ଓଲ୍ଡ ମ୍ୟାନ ରିଭର' ଭୂପେନ୍‌ଦା'ଙ୍କ ପ୍ରତୀକାତ୍ମକ ରଚନା 'ବିସ୍ତୀର୍ଣ୍ଣୋ ଦୁପାରେରେ...'ପାଇଁ ପ୍ରେରଣା ପାଲଟିଥିଲା। ଆମେରିକାର ପୂର୍ବତନ ପ୍ରଥମ ମହିଳା ଏଲିନର ରୁଜଭେଲ୍ଟ ତାଙ୍କୁ ଭାରତୀୟ ଲୋକ ସଙ୍ଗୀତ ପରିବେଷଣ ପାଇଁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ଭୂପେନ୍ ହଜାରିକା ସଙ୍ଗୀତ ସହିତ ମା' ଭାରତୀଙ୍କର ଜଣେ ସଚ୍ଚା ଉପାସକ ଥିଲେ। ଭୂପେନ୍‌ଦା'ଙ୍କ ପାଖରେ ଆମେରିକାରେ ରହି ଉଚ୍ଚ ପଦପଦବୀ ହାସଲ କରିବାର ଅନେକ ବିକଳ୍ପ ଥିଲା, କିନ୍ତୁ ସେ ଭାରତ ଫେରିଆସିଲେ ଏବଂ ସଙ୍ଗୀତ ସାଧନାରେ ନିଜକୁ ନିମଗ୍ନ କରିଦେଲେ। ରେଡିଓରୁ ଆରମ୍ଭ କରି ରଙ୍ଗମଞ୍ଚ ପର୍ଯ୍ୟନ୍ତ, ଚଳଚ୍ଚିତ୍ରଠାରୁ ଆରମ୍ଭକରି ଶିକ୍ଷା ସମ୍ପର୍କିତ ଡକ୍ୟୁମେଣ୍ଟାରୀ ପର୍ଯ୍ୟନ୍ତ, ସେ ପ୍ରତ୍ୟେକ ମାଧ୍ୟମରେ ପାରଙ୍ଗମ ଥିଲେ। ସେ ଯେଉଁଠାକୁ ଯାଉଥିଲେ, ନୂଆ ପ୍ରତିଭାଙ୍କୁ ସମର୍ଥନ କରିବା ଉପରେ ଗୁରୁତ୍ୱ ଦେଉଥିଲେ। ଭୂପେନ୍‌ଦା'ଙ୍କର କୃତିରେ ଗୀତିକବିତାର ସୌନ୍ଦର୍ଯ୍ୟ ଭରିରହିଥିଲା। ସେ ଅବିସ୍ମରଣୀୟ ସାମାଜିକ ବାର୍ତ୍ତା ମଧ୍ୟ ଦେଇଥିଲେ। ଗରିବ ଓ ଅବହେଳିତଙ୍କ ପାଇଁ ନ୍ୟାୟ, ଗ୍ରାମୀଣ ବିକାଶ, ସାଧାରଣ ନାଗରିକଙ୍କ ଶକ୍ତି ଇତ୍ୟାଦି ପ୍ରସଙ୍ଗକୁ ସ୍ପର୍ଶକରିଥିଲା। ତାଙ୍କ ସଙ୍ଗୀତ ମାଧ୍ୟମରେ ସେ ଆସାମର ବ୍ରହ୍ମପୁତ୍ର ସମେତ ଅନ୍ୟାନ୍ୟ ନଦୀମାନଙ୍କରେ ନୌକା ବାହିନେଉଥିବା ନାଉରିଆ, ଚା' ବଗିଚା ଶ୍ରମିକ, ମହିଳା, କୃଷକ ଆଦିଙ୍କ ଆଶା ଆକାଂକ୍ଷାକୁ ସ୍ୱର ଦେଇଥିଲେ। ତାଙ୍କ ରଚନା ଲୋକମାନଙ୍କର ପୁରୁଣା ସ୍ମୃତିକୁ ଉଜ୍ଜୀବିତ କରୁଥିଲା। ଭୂପେନ୍‌ଦା'ଙ୍କ କୃତି ଆଧୁନିକତାକୁ ଦେଖିବା ପାଇଁ ଏକ ଶକ୍ତିଶାଳୀ ଦୃଷ୍ଟିକୋଣ ମଧ୍ୟ ପାଲଟିଥିଲା। ଅନେକ ଲୋକ, ବିଶେଷକରି ସାମାଜିକ ଭାବରେ ପଛୁଆବର୍ଗର ଲୋକମାନେ ତାଙ୍କ ସଙ୍ଗୀତରୁ ଶକ୍ତି ଏବଂ ଆଶା ପାଇଛନ୍ତି... ଆଜି ମଧ୍ୟ ପାଉଛନ୍ତି। ଭୂପେନ୍‌ଦା'ଙ୍କ ଜୀବନ ଯାତ୍ରାରେ 'ଏକ ଭାରତ, ଶ୍ରେଷ୍ଠ ଭାରତ' ଭାବନାର ସ୍ପଷ୍ଟ ପ୍ରଭାବ ଦେଖିବାକୁ ମିଳିଥାଏ। ତାଙ୍କର କୃତି ଦେଶସାରା ଲୋକଙ୍କୁ ଏକତ୍ରିତ କରିବା ପାଇଁ ଭାଷାଗତ ଏବଂ ଆଞ୍ଚଳିକ ସୀମା ଅତିକ୍ରମ କରିଥିଲା। ସେ ଅହମିୟା, ବଙ୍ଗଳା ଏବଂ ହିନ୍ଦୀ ଭାଷାରେ ଚଳଚ୍ଚିତ୍ର ପାଇଁ ଗୀତ ରଚନା କରିଥିଲେ। ତାଙ୍କ ସ୍ୱରରେ ଯେଉଁ ପୀଡ଼ାର କାହାଣୀ ରହିଥିଲା, ତାହା ସବୁବେଳେ ଆମ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଥାଏ। 'ଦିଲ୍ ହୁମ୍ ହୁମ୍ କରେ'ରେ ଯେଉଁ ପୀଡ଼ାର ପ୍ରଭାବ ଦେଖିବାକୁ ମିଳିଥାଏ, ତାହା ସିଧା ହୃଦୟର ଗଭୀରତାକୁ ସ୍ପର୍ଶ କରିନିଏ। ଆଉ ଯେତେବେଳେ ସେ ପଚାରନ୍ତି, ଗଙ୍ଗା ବହତି ହେ କ୍ୟୁଁ', ଏମିତି ଲାଗେ ଯେମିତି ପ୍ରତ୍ୟେକ ଆତ୍ମାକୁ ବିଦାରିତ କରି ସେ ଜବାବ ମାଗୁଛନ୍ତି। ସେ ସାରା ଭାରତ ଆଗରେ ଆସାମର କଥା କହିଥିଲେ, ଦେଖାଇଥିଲେ ଏବଂ ଅନୁଭବ କରାଇଥିଲେ। ଏହା କହିବା ଆଦୌ ଅତିଶୟୋକ୍ତି ହେବ ନାହିଁ ଯେ ସେ ଆଧୁନିକ ଆସାମର ସାଂସ୍କୃତିକ ପରିଚୟ ଗଢ଼ିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଆସାମ ଭିତରେ ଏବଂ ସାରା ଦୁନିଆରେ ଥିବା ପ୍ରବାସୀ ଆସାମୀଙ୍କ ପାଇଁ ସେ ଆସାମର ସ୍ୱର ପାଲଟିଥିଲେ। ଭୂପେନ୍‌ଦା' ଜଣେ ରାଜନୈତିକ ବ୍ୟକ୍ତି ନ ଥିଲେ, କିନ୍ତୁ ସେ ଜନସେବା ଜଗତ ସହିତ ନିବିଡ଼ ଭାବରେ ଜଡ଼ିତ ଥିଲେ। ୧୯୬୭ ମସିହାରେ ସେ ଆସାମର ନୌବୋଇଚା ନିର୍ବାଚନମଣ୍ଡଳୀରୁ ଜଣେ ନିର୍ଦ୍ଦଳୀୟ ବିଧାୟକ ଭାବରେ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହା ଦେଖାଇଥିଲା ଯେ ସାଧାରଣ ଲୋକଙ୍କର ତାଙ୍କ ଉପରେ କେତେ ବିଶ୍ୱାସ ଥିଲା। ସେ ରାଜନୀତିକୁ ନିଜ କ୍ୟାରିଅର ରୂପେ ବାଛି ନ ଥିଲେ, କିନ୍ତୁ ସବୁବେଳେ ଲୋକଙ୍କ ସେବାରେ ନିୟୋଜିତ ରହିଥିଲେ। ଭାରତବାସୀ ଏବଂ ଭାରତ ସରକାର ବର୍ଷ ବର୍ଷଧରି ତାଙ୍କର ବିପୁଳ ଅବଦାନକୁ ସ୍ୱୀକୃତି ପ୍ରଦାନ କରିଆସିଛନ୍ତି। ତାଙ୍କୁ ପଦ୍ମଶ୍ରୀ, ପଦ୍ମଭୂଷଣ, ପଦ୍ମବିଭୂଷଣ, ଦାଦାସାହେବ ଫାଲ୍‌କେ ପୁରସ୍କାର ଏବଂ ଅନ୍ୟାନ୍ୟ ବହୁ ମର୍ଯ୍ୟାଦାଜନକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୧୯ରେ ଆମ କାର୍ଯ୍ୟକାଳ ମଧ୍ୟରେ ତାଙ୍କୁ ଭାରତରତ୍ନ ସମ୍ମାନ ପ୍ରଦାନ କରାଯିବା ମୋ ପାଇଁ ବ୍ୟକ୍ତିଗତ ଭାବରେ ଏବଂ ଏନ୍‌ଡିଏ ସରକାରଙ୍କ ଲାଗି ଏକ ଗୌରବର ମୁହୂର୍ତ୍ତ ଥିଲା। ସାରା ବିଶ୍ୱର ଲୋକମାନେ, ବିଶେଷକରି ଆସାମ ଏବଂ ଉତ୍ତର-ପୂର୍ବାଞ୍ଚଳର ଜନସାଧାରଣ ତାଙ୍କୁ ଏହି ସମ୍ମାନରେ ଭୂଷିତ କରାଯାଇଥିବାରୁ ଅପାର ଆନନ୍ଦ ପ୍ରକାଶ କରିଥିଲେ। ଏହା ଥିଲା ଭୂପେନ୍‌ଦା'ଙ୍କ ହୃଦୟରେ ଥିବା ସିଦ୍ଧାନ୍ତ ପ୍ରତି ସମ୍ମାନ। ସେ କହୁଥିଲେ, ସତ୍ୟତାରୁ ନିଃସୃତ ହୋଇଥିବା ସଙ୍ଗୀତ କୌଣସି ଗୋଟିଏ ପରିଧି ମଧ୍ୟରେ ସୀମିତ ରହି ନ ଥାଏ। ଗୋଟିଏ ଗୀତ ଲୋକଙ୍କ ସ୍ୱପ୍ନରେ ଡେଣା ଯୋଡ଼ି ପାରେ ଏବଂ ସାରା ଦୁନିଆର ଲୋକଙ୍କ ହୃଦୟକୁ ଛୁଇଁ ପାରେ। ୨୦୧୧ରେ ଭୂପେନ୍‌ଦା'ଙ୍କ ବିୟୋଗ ସମୟ ମୋର ମନେଅଛି। ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟାରେ ଲକ୍ଷଲକ୍ଷ ଲୋକ ସାମିଲ ହେବା ମୁଁ ଟିଭିରେ ଦେଖିଛି। ସେହି ସମୟରେ ପ୍ରତ୍ୟେକ ଆଖି ଲୁହଛଳଛଳ ଥିଲା। ବଞ୍ଚିଥିବା ସମୟ ଭଳି ମୃତ୍ୟୁ ସମୟରେ ମଧ୍ୟ ଲୋକମାନେ ତାଙ୍କ ସହ ରହିଥିଲେ। ସେଥିପାଇଁ ତାଙ୍କୁ ବ୍ରହ୍ମପୁତ୍ର ନଦୀ ଆଡ଼କୁ ମୁହଁ କରାଇ ଜାଲୁକବାଡ଼ି ପାହାଡ଼ ଉପରେ ଅନ୍ତିମ ବିଦାୟ ଦିଆଯାଇଥିଲା। ବ୍ରହ୍ମପୁତ୍ର ହେଉଛି ସେହି ନଦୀ ଯାହା ତାଙ୍କର ସଙ୍ଗୀତ, ତାଙ୍କର ପ୍ରତୀକ ଏବଂ ସ୍ମୃତିଗୁଡ଼ିକର ଜୀବନରେଖା ସାଜିଥିଲା। ଆସାମ ସରକାର ଭୂପେନ୍ ହଜାରିକା ସାଂସ୍କୃତିକ ଟ୍ରଷ୍ଟର କାର୍ଯ୍ୟକୁ ପ୍ରୋତ୍ସାହନ ଯୋଗାଇଦେବା ଖୁସିର ବିଷୟ। ଏହି ଟ୍ରଷ୍ଟ ଯୁବପିଢ଼ିଙ୍କ ମଧ୍ୟରେ ଭୂପେନ୍‌ଦା'ଙ୍କ ଜୀବନ ଯାତ୍ରାକୁ ଯୋଡ଼ିବାରେ ନିୟୋଜିତ ରହିଛି। ଭୂପେନ୍‌ଦା'ଙ୍କ ସାଂସ୍କୃତିକ ପରମ୍ପରାକୁ ସମ୍ମାନ ଦେବା ଲାଗି ଦେଶର ସବୁଠୁ ବଡ଼ ସେତୁକୁ ଭୂପେନ୍ ହଜାରିକା ସେତୁ ନାମରେ ନାମକରଣ କରାଯାଇଛି। ୨୦୧୭ରେ ଯେତେବେଳେ ମୋତେ ଏହି ସେତୁ ଉଦ୍‌ଘାଟନ କରିବାର ସୁଯୋଗ ମିଳିଲା, ସେତେବେଳେ ମୁଁ ଅନୁଭବ କରିଥିଲି ଯେ ଆସାମ ଏବଂ ଅରୁଣାଚଳ ପ୍ରଦେଶକୁ ଯୋଡ଼ିଥିବା ତଥା ଦୁଇ ରାଜ୍ୟ ମଧ୍ୟରେ ଦୂରତା ହ୍ରାସ କରୁଥିବା ଏହି ସେତୁର ନାମକରଣ ଭୂପେନ୍‌ଦା'ଙ୍କ ନାମରେ ହେବା ସବୁଠୁ ଉପଯୁକ୍ତ ହେବ। ଭୂପେନ୍ ହଜାରିକାଙ୍କ ଜୀବନ ଆମକୁ କରୁଣାର ଶକ୍ତି ବିଷୟରେ ଅନୁଭବ କରାଇଥାଏ। ଲୋକଙ୍କ କଥା ଶୁଣିବା ଏବଂ ନିଜ ମାଟି ସହ ଯୋଡ଼ି ହୋଇ ରହିବା ଶିଖାଇଥାଏ। ଆଜି ବି ପିଲାଠୁ ବୁଢ଼ା ଯାଏ ସମସ୍ତଙ୍କ କଣ୍ଠରେ ତାଙ୍କର ଗୀତ ଶୁଣିବାକୁ ମିଳିଥାଏ। ତାଙ୍କ ସଙ୍ଗୀତ ଆମକୁ ସ୍ୱାଭିମାନୀ ଏବଂ ସାହସୀ ହେବାକୁ ଶିଖାଏ। ଏହା ଆମକୁ ଆମ ନଦୀ, ଆମ ଶ୍ରମିକ, ଆମ ଚା' ବଗିଚା ଶ୍ରମିକ, ଆମ ନାରୀଶକ୍ତି ଏବଂ ଆମ ଯୁବଶକ୍ତିକୁ ମନେରଖିବାକୁ ଅନୁପ୍ରାଣିତ କରେ। ଏହା ଆମକୁ ବିବିଧତା ମଧ୍ୟରେ ଏକତାରେ ବିଶ୍ୱାସ କରିବାକୁ ପ୍ରେରଣା ଦେଇଥାଏ। ଭୂପେନ୍ ହଜାରିକାଙ୍କ ଭଳି ଜଣେ ଉଜ୍ଜ୍ୱଳ ପ୍ରତିଭାଙ୍କୁ ପାଇ ଭାରତ ଧନ୍ୟ ହୋଇଛି। ଆମେ ତାଙ୍କ ଜନ୍ମଶତାବ୍ଦୀ ବର୍ଷ ପାଳନ ଆରମ୍ଭ କରୁଛୁ। ଆସନ୍ତୁ ଆମେ ତାଙ୍କ ବାର୍ତ୍ତାକୁ ଦୂରଦୂରାନ୍ତରରେ ପହଞ୍ଚାଇବା ଲାଗି ଆମ ପ୍ରତିବଦ୍ଧତାକୁ ଦୋହରାଇବା। ଏହି ସଂକଳ୍ପ ଆମକୁ ସଙ୍ଗୀତ, କଳା ଏବଂ ସଂସ୍କୃତି ପାଇଁ ଅଧିକ କାମକରିବା ଲାଗି ପ୍ରେରଣା ଦେଉ, ନୂଆ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରୁ, ଭାରତରେ ସୃଜନଶୀଳତା ଏବଂ କଳାତ୍ମକ ଉତ୍କର୍ଷକୁ ଆଗକୁ ବଢ଼ାଉ। ମୋର ଅନେକ ଅନେକ ଶୁଭକାମନା।

# ଶାନ୍ତିର ସନ୍ଧାନ



ଅଲେଖ ଚନ୍ଦ୍ର ମିଶ୍ର

ଶାନ୍ତିକିଏ ନ ଚାହେଁ ? ହେଲେ ପାଆନ୍ତି କେତେଜଣ ? ଏ ପ୍ରଶ୍ନ ଯୁଗ ଯୁଗ ଧରି ଅସମାହିତ ରହିଆସିଛି; କାରଣ ଶାନ୍ତିର ମାର୍ଗ ଅସ୍ପଷ୍ଟ ଯାହା ଏକ ବ୍ୟକ୍ତିଗତ ବ୍ୟାପାର ହେଲେ ବି ସାମଗ୍ରିକ ସ୍ଥିତି ଉପରେ ନିର୍ଭରଶୀଳ। ଅନେକଙ୍କର ଧାରଣା ସୁଖ ହିଁ ଶାନ୍ତିର ମୁଖ୍ୟ ଉତ୍ସ। କିନ୍ତୁ ସୁଖ ଓ ଶାନ୍ତି ଦୁଇଟି ଅଲଗା କଥା। ସୁଖରେ ଥିବା ଲୋକ ଅଶାନ୍ତିରୁ ମୁକ୍ତ ନୁହେଁ, ଶାନ୍ତିରେ ଥିବା ଲୋକ ସୁଖ ପଛରେ ଧାଏଁନା। ଏହାର ଏକ ବଳିଷ୍ଠ ଉଦାହରଣ ପୃଥିବୀର ସର୍ବଶ୍ରେଷ୍ଠ ଧନୀ ଷ୍ଟିଭ ଜବ୍ସଙ୍କ ଜୀବନ କାହାଣୀ। ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇ ମାତ୍ର ୫୬ ବର୍ଷ ବୟସରେ ଦେହତ୍ୟାଗ କଲାବେଳେ (୨୦୧୩) ସେ କହିଥିଲେ, ''ଧନ ବଳରେ ମୁଁ ସବୁ କିଛି ପାଇଛି, ଏପରି କିଛି ଜିନିଷ ନାହିଁ ଯାହା ମୋର ଅପ୍ରାପ୍ୟ। କିନ୍ତୁ ଏ ରୋଗରୁ ମୁକ୍ତି ପାଇଁ କିମ୍ବା ଆସନ୍ନ ମୃତ୍ୟୁକୁ କିଛି ସମୟ ପାଇଁ ଘୁଞ୍ଚେଇ ଦେବା ପାଇଁ ମୋର ସକଳ ଧନ ସଂପତ୍ତି ଅସମର୍ଥ। ଅତଏବ ଧନ ଯେ ସବୁ କିଛି ଦେଇପାରେ ଏହା ଭୁଲ୍''।

କେହି କେହି ଭାବନ୍ତି ପ୍ରାପ୍ତି ହିଁ ଶାନ୍ତି ପ୍ରଦାନ କରେ। ନିଜର ଈପ୍ସିତ ବସ୍ତୁ ମିଳିଗଲେ ଶାନ୍ତି ଆପେ ମିଳିଯାଏ। କିନ୍ତୁ ରାଜା ମିଦାସ ଓ କୃଷକ ପୋହାମଙ୍କ କଥା (ଟଲଷ୍ଟୟଙ୍କ କାହାଣୀ ହାଓ ମଚ ଲ୍ୟାଣ୍ଡ ଡଜ୍ ଏ ମ୍ୟାନ ନିଡ୍) ଟିକେ ମନେପକାନ୍ତୁ ତ! ଜଣେ ନିଜ ଇଚ୍ଛା ମୁତାବକ ସୁନା ତ ପାଇଥିଲେ ହେଲେ ହରେଇଥିଲେ ନିଜର ଏକମାତ୍ର ଅଲିଅଳି କନ୍ୟାକୁ। ଅନ୍ୟ ଜଣକ ଯେତେ ଇଚ୍ଛା ଜମି ସଂଗ୍ରହ କରୁ କରୁ ନିଜର ଜୀବନ ହରେଇଥିଲେ। ସେଥିପାଇଁ ପ୍ରଖ୍ୟାତ ଋଷ ଦାର୍ଶନିକ କାଉଣ୍ଟ ଲିଓ ଟଲଷ୍ଟୟ କହି ଯାଇଛନ୍ତି, ''ଏଭ୍ରି ପଜେଶନ ଇଜ୍ ୱାନ ୱିଥ୍ ଲସ୍'' ( ପ୍ରତ୍ୟେକ ପ୍ରାପ୍ତି ପଛରେ କିଛି ହରେଇବା ଥାଏ)। କାରଣ ପ୍ରାପ୍ତିର ପରିସର ଅସୀମ ଯାହାର ଆରମ୍ଭ ତ ଥାଏ କିନ୍ତୁ ଶେଷ ନ ଥାଏ। ତା' ପଛରେ ଧାଇଁଲେ କେବଳ ଧାଇଁବା ହିଁ ସାର ହୁଏ। ଶାନ୍ତିରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ପାଇଁ ଧାଉଁଥିବା ଅବସ୍ଥାରେ ମୃତ୍ୟୁ ଆସିଯାଏ। ହେଲେ ତା' ପରେ ବି ଶାନ୍ତିର ସନ୍ଧାନ ଶେଷ ହୁଏନା ଏବଂ ପ୍ରେତକର୍ମ, ନୀରବ ପ୍ରାର୍ଥନା, ମହମବତି ପ୍ରଜ୍ୱଳନ, ଶୋଭାଯାତ୍ରା, ସମୂହ ଦୀପଦାନ, ସାମୂହିକ ତିଳତର୍ପଣ, ସ୍ମୃତିଚାରଣ, ପିଣ୍ଡ ଦାନ ଇତ୍ୟାଦି ମାଧ୍ୟମରେ ଦିବଂଗତ ଆତ୍ମାର ଶାନ୍ତି ପାଇଁ ପ୍ରଚେଷ୍ଟା କରାଯାଏ।



ଶାନ୍ତି ପାଇବା ପାଇଁ କେବେ କେବେ ଭୌତିକ କ୍ରିୟାର ସାହାରା ନିଆଯାଏ ଯଥା ଗୁଣି ଗାରେଡ଼ି, ଗ୍ରହଶାନ୍ତି, ଦରିଦ୍ର ନାରାୟଣ ସେବା, ଶକ୍ତି ପୀଠରେ ବଳିଦାନ, ଓଷା, ବାର, ବ୍ରତ, ବିଭିନ୍ନ ପୂଜାର୍ଚ୍ଚନା, ଧର୍ମାନୁଷ୍ଠାନ, ଯଜ୍ଞ, ଦାନ, ପଶୁପକ୍ଷୀଙ୍କର ହେପାଜତ, ବର ଓସ୍ତ ବିବାହ ଇତ୍ୟାଦି। ସେହିପରି ସେବା ପ୍ରଦାନ ଶାନ୍ତିର ଏକ ମାର୍ଗ ବୋଲି କେହି କେହି ସେଥିରେ ମନୋନିବେଶ କରନ୍ତି, କିନ୍ତୁ ସେଥିରେ ପ୍ରଚ୍ଛନ୍ନ ଭାବରେ ନିହିତ ସ୍ୱାର୍ଥ ଓ ଅହଂଭାବ ଶାନ୍ତିକୁ ଅଶାନ୍ତିରେ ପରିଣତ କରିଦିଏ।

କେତେକଙ୍କର ବିଶ୍ୱାସ କ୍ଷମତା, ପ୍ରତିପତ୍ତି, ପ୍ରଭୁତ୍ୱ ଭଳି ପାର୍ଥିବ ବସ୍ତୁରେ ଶାନ୍ତି ଥାଏ ; କିନ୍ତୁ ତ୍ରିପୁର ବିଜୟୀ ରାବଣ କିମ୍ବା କ୍ଷମତାଲୋଭୀ ଦୁର୍ଯ୍ୟୋଧନ ଭଳି ଅନେକ ଦୃଷ୍ଟାନ୍ତ ଏହାର ବିରୋଧାଭାସ। ଏପରିକି ପାଶ୍ଚାତ୍ୟ ସାହିତ୍ୟର ଲୋକପ୍ରିୟ କବିତା ''ମିଲର୍ ଅଫ ଦ ଡି'' ର ବର୍ଣ୍ଣନା ଅନୁଯାୟୀ ନଦୀ କୂଳରେ ମନ ଉଲ୍ଲାସରେ ଗୀତ ଗାଉଥିବା ଏକ ଅଟାକଳର ମାଲିକକୁ ଦେଖି ସ୍ୱୟଂ ବ୍ରିଟିଶ ରାଜା ହଲ୍ ତାକୁ ପ୍ରଶଂସା କରି କହିଥିଲେ, ''ହେ ମିଲ୍ ବାଲା ତୁମର ଟୋପି ମୋର ରାଜ ମୁକୁଟ ଏବଂ ତୁମର କଳ ମୋର ରାଜ୍ୟଠାରୁ ମୂଲ୍ୟବାନ। ତୁମଭଳି ଲୋକ ଇଂଲଣ୍ଡର ଗୌରବ''। ଅତଏବ ଶାନ୍ତି ଏକ ଆପେକ୍ଷିକ ଶବ୍ଦ ଯାହା ଖୋଜିଲେ ମିଳେନା, ନ ଖୋଜିଲେ ଅଜାଣତରେ ଆପେ ଆସିଯାଏ, ଯେପରି କ୍ଷୁଧାର୍ତ୍ତଟିଏ ପେଟ ଭରି ଖାଇଲା ପରେ, ତୃଷାର୍ତ୍ତଟିଏ ମନ ଭରି ପାଣି ପିଇଲା ପରେ, ରୋଗୀଟିଏ ଆରୋଗ୍ୟ ହେଲା ପରେ, ଉପସ୍ଥିତ କର୍ମ ଚାପରୁ ମୁକ୍ତି ଯଥା ମଳ ମୂତ୍ର ତ୍ୟାଗଜନିତ ଆଶ୍ୱସ୍ତି, କ୍ଲାନ୍ତି ପରେ ବିଶ୍ରାମ ମିଳିଲେ ଯେଉଁ ମାନସିକ ଉପଲବ୍ଧି ଅନୁଭୂତ ହୁଏ ତାହା ହିଁ ଶାନ୍ତିର କ୍ଷଣିକ ରୂପ ଯାହା ସଙ୍ଗେ ସଙ୍ଗେ ଉଭେଇ ଯାଏ, କାରଣ ଶାନ୍ତିର ମୁଖ୍ୟ ନିଦର୍ଶନ ହେଉଛି ଏହା ଅଳିକ। ନିରବଚ୍ଛିନ୍ନ ଶାନ୍ତି ଅସମ୍ଭବ। ଅନ୍ୟ ପକ୍ଷରେ ଏହା ଏକ ଆଭ୍ୟନ୍ତରୀଣ ସୂକ୍ଷ୍ମ ବିଭାବ ଯାହା କେବଳ ସାମୟିକ ଭାବରେ ହୃଦୟଙ୍ଗମ କରିହୁଏ। ନିଜ ଗର୍ଭରେ ଥିବା କସ୍ତୁରୀର ସୁଗନ୍ଧକୁ ବାରି ନ ପାରି ତା'ର ସନ୍ଧାନରେ ଇତସ୍ତତଃ ଧାଉଁଥିବା କୃଷ୍ଣସାର ଭଳି ମଣିଷର ଶାନ୍ତି ପ୍ରଚେଷ୍ଟା।

**ସାରଦାଶ୍ରୀ ୯୦୪, ଶାସ୍ତ୍ରୀ ନଗର ୟୁନିଟ୍-୪
ଭୁବନେଶ୍ୱର, ମୋ:୯୪୩୮୬୭୩୮୯୮**

## ଏଇ ଭାରତରେ

ରୋଗ ହେଲେ ସମସ୍ତେ ଡାକ୍ତର ପାଖକୁ ଯାଆନ୍ତି। କିନ୍ତୁ ଏଥିପାଇଁ କେହି କ'ଣ ମନ୍ଦିର ଲୁଟିବାକୁ ଯିବା କଥା ଶୁଣିଛନ୍ତି! ଏଭଳି ଘଟଣା ଦେଖିବାକୁ ମିଳିଛି ଛତିଶଗଡ଼ର ଦୁର୍ଗ ଅଞ୍ଚଳରେ। ଏଠାରେ ୪୫ ବର୍ଷୀୟ ଜଣେ ବ୍ୟକ୍ତି ଏବେ ପୋଲିସ ହାତରେ ଧରାପଡ଼ିଛନ୍ତି, ଯିଏ କି ଗତ ୧୦ ବର୍ଷ ହେଲାଣି ବିଭିନ୍ନ ମନ୍ଦିରରୁ ଚୋରି କରୁଥିଲେ। ତାଙ୍କର ଏପରି କରିବା ପଛର ଉଦ୍ଦେଶ୍ୟ ଥିଲା ଭଗବାନ୍‌ଙ୍କ ଉପରେ ପ୍ରତିଶୋଧ ନେବା। ପ୍ରକୃତ କଥା ହେଉଛି ଏହି ବ୍ୟକ୍ତି ଜଣକ ୨୦୧୨ରେ ଏକ ମାରପିଟ ଘଟଣାରେ ଜେଲ ଯାଇଥିଲେ। ଜେଲରୁ ବାହାରିବା ପରେ ସେ ଏଚ୍‌ଆଇଭି ପଜିଟିଭ୍ ବୋଲି ଜଣାପଡିଥିଲା। ଏହା ପରେ ସେ ଭାଙ୍ଗି ପଡିଥିଲେ। ଭଗବାନ୍‌ଙ୍କ ଉପରୁ ତାଙ୍କର ଭରସା ତୁଟି ଯାଇଥିଲା। ତାଙ୍କୁ ମନେହୋଇଥିଲା କି ଭଗବାନ୍ ହିଁ ତାଙ୍କୁ ଏଭଳି ଏକ ଭୟଙ୍କର ରୋଗ ଦେଇଛନ୍ତି। ତେଣୁ ସେ ଭଗବାନ୍‌ଙ୍କ ଉପରେ ପ୍ରତିଶୋଧ ନେବାକୁ ଯାଇ କୌଣସି ସ୍ଥାନରେ ମନ୍ଦିର ଦେଖିଲେ ସେଠାରୁ ବିଭିନ୍ନ ଜିନିଷ ଚୋରି କରି ନେଇଯାଉଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

**୮ ସେପ୍ଟେମ୍ବର ୧୯୭୬**

- ବିଖ୍ୟାତ ବିପ୍ଳବୀ ଓ ସ୍ୱାଧୀନତା ସଂଗ୍ରାମୀ ତଥା କଂଗ୍ରେସ ପାର୍ଲାମେଣ୍ଟାରୀ ଦଳର ପୂର୍ବତନ ଉପନେତା ସୁରେନ୍ଦ୍ର ମୋହନ ଘୋଷଙ୍କ ୮୩ ବର୍ଷ ବୟସରେ ପରଲୋକ।

## ସୁଡୋକୁ

su|do|ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 2 | 8 | 3 | 6 | |
| | | | | | 4 | | 8 | 7 |
| 9 | | 2 | | | | | | |
| | | | | 4 | 7 | | | |
| | | | 5 | | | | 4 | |
| | 3 | 4 | | | 2 | | 1 | |
| | | 1 | | | 6 | 9 | | |
| 2 | | | 8 | | | | 7 | 6 |
| 8 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 4 | 7 | 8 | 5 | 6 | 2 | 9 |
| 5 | 7 | 2 | 9 | 6 | 3 | 4 | 1 | 8 |
| 6 | 8 | 9 | 1 | 2 | 4 | 7 | 3 | 5 |
| 8 | 6 | 3 | 4 | 1 | 9 | 5 | 7 | 2 |
| 7 | 4 | 1 | 3 | 5 | 2 | 9 | 8 | 6 |
| 9 | 2 | 5 | 6 | 7 | 8 | 1 | 4 | 3 |
| 2 | 5 | 7 | 8 | 4 | 6 | 3 | 9 | 1 |
| 1 | 9 | 6 | 2 | 3 | 7 | 8 | 5 | 4 |
| 4 | 3 | 8 | 5 | 9 | 1 | 2 | 6 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସତ୍ୟବାଦୀ ବ୍ଲକରେ ୟୁରିଆ ଅଭାବ

ମହାଶୟ,

ଏବେ ସମଗ୍ର ଓଡ଼ିଶାରେ ୟୁରିଆ ସାରର ଅଭାବ ଦେଖାଦେଇଛି। ପୁରୀ ଜିଲା ସତ୍ୟବାଦୀ ବ୍ଲକର ୨୪ ପଞ୍ଚାୟତର ଚାଷୀଙ୍କୁ ଆବଶ୍ୟକ ଅନୁସାରେ ଏହା ମିଳୁ ନ ଥିବାରୁ ଅନେକ ସ୍ଥାନରେ ଚଢ଼ାଦରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ରାଜ୍ୟ କୃଷି ବିଭାଗ ତଥ୍ୟ ଅନୁସାରେ ଏବେ ରାଜ୍ୟରେ ୫୭% ୟୁରିଆ ଅଭାବ ରହିଛି। ସତ୍ୟବାଦୀ ବ୍ଲକକୁ କେତେ ସାର ଯୋଗାଣ ହୋଇଛି ତାହାର ସବିଶେଷ ତଥ୍ୟ କୃଷିବିଭାଗ ପାଖରେ ଉପଲବ୍ଧ ନାହିଁ। ବର୍ତ୍ତମାନ ସୁଦ୍ଧା ସାର କଳାବଜାର ହେଉଥିଲେ ମଧ୍ୟ କୌଣସି ସ୍ଥାନରେ ସେହିଭଳି ଆଖିଦୃଶିଆ ଧରପଗଡ଼ ହେଉନାହିଁ। ଏ ନେଇ ବ୍ଲକ କୃଷି ଅଧିକାରୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେହିଭଳି କିଛି ଅଭିଯୋଗ ଆସି ନ ଥିବା ପ୍ରକାଶ କରିଛନ୍ତି। ବିଭାଗୀୟ ମନ୍ତ୍ରୀ ଓ ପୁରୀ ଜିଲା ପ୍ରଶାସନ ଘଟଣାର ତଦନ୍ତ କରି କଳାବଜାରକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**-ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ଦିବସ ନିଶାର ଏହି ବିବାହ ସମ୍ଭୋଗେ
ପ୍ରତୀଚୀର ଅଙ୍ଗେ
ସନ୍ଧ୍ୟା-ସହଚରୀ କିବା ଲେଖଇ ଅଳତା
ପକ୍ଷୀଙ୍କଠୁ ମୁଖରଇ କି ମଙ୍ଗଳ କଥା !
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସାମାଜିକ କର୍ମୀଙ୍କ ପରଲୋକ

ଯାଜପୁରଟାଉନ,୭।୯(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁରର ଜଣାଶୁଣା ସାମାଜିକ କର୍ମୀ ତଥା ବ୍ୟବସାୟୀ ବିଷ୍ଣୁ ଚରଣ ବିହାରୀ(୮୪)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଯାଜପୁର ସହର ଦେବୀଦ୍ୱାର ବାସିନ୍ଦା ବିହାରୀ ଜଣେ ମିଷ୍ଟଭାଷୀ, ପରୋପକାରୀ, ମେଳାପୀ, ଧର୍ମପରାୟଣ, ସମାଜସେବୀ ଓ ରାଜନେତା ଥିଲେ। ବିରଜା ହାଟର ପୂର୍ବତନ ସଭାପତି ଥିଲେ। ମାର୍କଣ୍ଡପୁର ଓ ବାସୁଦେବପୁରର ସରପଞ୍ଚ ଭାବେ କାର୍ଯ୍ୟ ତୁଲାଇଥିଲେ। ଯାଜପୁର ୪ନଂ. ଜିଲା ପରିଷଦର ସଭ୍ୟଭାବେ ନିର୍ବାଚିତ ହୋଇଥିଲେ।

ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଯାଜପୁର ସହରରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ଭାଜପା ଜିଲା ସଭାପତି ଗୌତମ ରାୟ, କଂଗ୍ରେସ ଜିଲା ସଭାପତି ମନୋଜ ରାଉତ, ପୂର୍ବତନ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଦଶରଥପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମଲ, ଭାଜପା ନେତା ସୁବାସ ଚନ୍ଦ୍ର ମହାନ୍ତି, ବିଜେଡି ଜିଲା ସଭାପତି ସରୋଜ ମହାପାତ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ବିରଜାହାଟ ଓ ଦେବୀଦ୍ୱାରର ବ୍ୟବସାୟୀମାନେ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିଥିଲେ। ମରଶରୀରକୁ ଏକ ଶୋଭାଯାତ୍ରାରେ ଅଣାଯାଇ ଯାଜପୁର ଦଶାଶ୍ୱମେଧ ଘାଟ ନିକଟ ମହାଶ୍ମଶାନରେ ଶେଷକୃତ୍ୟ ସମ୍ପନ କରାଯାଇଛି।

### ଆମ ଗାଁ ବିକାଶ ମଞ୍ଚର ବାର୍ଷିକ ଉତ୍ସବ

ଯାଜପୁର,୭।୯(ହର୍ଷବର୍ଦ୍ଧନ ବେହେରା): ସୁକିନ୍ଦା ବ୍ଲକ ହାତିବାରୀ ପଞ୍ଚାୟତ ଆମ ଗାଁ ବିକାଶ ମଞ୍ଚର ବାର୍ଷିକ ଉତ୍ସବ ହାତିବାରୀଠାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଂଶୀଧର ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଶେଷଦେବ ନାୟକ ମୁଖ୍ୟଅତିଥି, ବ୍ୟାସନଗର ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ କୁଶଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ କଳାକର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ପଙ୍କଜ ପାତ୍ର, ମଞ୍ଚ ସଭାପତି କୁଳମଣି ଦାସ ପ୍ରମୁଖ ଯୋଗଦେଇ ମଞ୍ଚର ଆଭିମୁଖ୍ୟ ଓ ସାମାଜିକ କାର୍ଯ୍ୟକୁ ସମୀକ୍ଷା କରିବା ସହ ଏହାକୁ ଶାଣିତ କରିବା ପାଇଁ ସବୁ ବର୍ଗର ବ୍ୟକ୍ତିବିଶେଷ ଆଗେଇ ଆସିବାକୁ ନିବେଦନ କରିଥିଲେ। ପୂଜ୍ୟପୂଜା ପରମ୍ପରା ଅନୁଯାୟୀ ଶିକ୍ଷାକ୍ଷେତ୍ରରେ ଶରତ ଚନ୍ଦ୍ର ସ୍ୱାଇଁ, ସମାଜସେବା କ୍ଷେତ୍ରରେ ସୁଦର୍ଶନ ଦୋରା, କୃଷିକ୍ଷେତ୍ରରେ ଭରତ ଚନ୍ଦ୍ର ରାଉତ ଓ କଳା, ସଂସ୍କୃତି କ୍ଷେତ୍ରରେ ଅଧ୍ୟାପକ ପ୍ରଦୀପ ପ୍ରଧାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ର ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ସମ୍ପାଦକ ରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ହାତିବାରୀ, ବୈରୀମାଳ ଓ କରଡ଼ାପାଳ ଗାଁ ଓ ଅନ୍ୟାନ୍ୟ ପଞ୍ଚାୟତର ଜନସାଧାରଣ ବହୁସଂଖ୍ୟାରେ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ରବୀନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଲଟିଛି ବୁଲା କୁକୁରଙ୍କ ଆଶ୍ରୟସ୍ଥଳ

ଯାଜପୁରରୋଡ୍,୭।୯(ପବିତ୍ର ରଞ୍ଜନ ମହାନ୍ତି):


ସ୍ୱାସ୍ଥ୍ୟକେନ୍ଦ୍ର ବହିର୍ବିଭାଗ ରାସ୍ତାରେ କୁକୁରପଲ ଶୋଇଛନ୍ତି।

ବୁଲା କୁକୁରଙ୍କ ଆକ୍ରମଣରେ ବହୁ ଲୋକ ପ୍ରାଣ ହରାଉଛନ୍ତି। ସେମାନଙ୍କ ପାଇଁ ରାସ୍ତା ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ଏହାକୁ ଦୃଷ୍ଟିରେ ରଖି ଦେଶର ସର୍ବୋଚ୍ଚ ଅଦାଲତ ବୁଲା କୁକୁରଙ୍କ ନିୟନ୍ତ୍ରଣ ଓ ବନ୍ଧ୍ୟାକରଣ ଉପରେ ଗୁରୁତ୍ୱ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସହରାଞ୍ଚଳ ଓ ପୌରାଞ୍ଚଳରେ ବୁଲା କୁକୁର ଗଣତି ଓ ବନ୍ଧ୍ୟାକରଣକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ରହିଛି। ହେଲେ ସରକାରୀସ୍ତରରେ ଏହାର ପ୍ରତିଫଳନ ଦେଖିବାକୁ ମିଳୁନାହିଁ। ଯାହାର ଉଦାହରଣ ଦେଖିବାକୁ ମିଳିଛି ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ। ଏଠାରେ ଦିନକୁ ଦିନ ବୁଲା କୁକୁରଙ୍କ ପାଦୁର୍ଭାବ ବଢ଼ିଚାଲିଛି। ଏପରି କି ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସେମାନଙ୍କ ଆଶ୍ରୟ ସ୍ଥଳ ପାଲଟିଛି। ୨୦ରୁ ଊର୍ଦ୍ଧ୍ୱ ବୁଲା କୁକୁର ଦିନରାତି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଦଳକଳ ହୋଇ ବୁଲୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ବହିର୍ବିଭାଗ ରାସ୍ତାରେ ସୋଇ ରହୁଛନ୍ତି। ଫଳରେ ରୋଗୀମାନେ ଏହି କୁକୁରଙ୍କ ଆକ୍ରମଣର ଶିକାର ହେଉଛନ୍ତି। ଏଥିପ୍ରତି ସ୍ୱାସ୍ଥ୍ୟକେନ୍ଦ୍ର ସୁରକ୍ଷା କର୍ମୀମାନେ ମଧ୍ୟ ଧ୍ୟାନ ଦେଉନାହାନ୍ତି। ଅସାବଧାନତାବଶତଃ କୌଣସି ଲୋକ କୁକୁରଙ୍କ ଉପରେ ପାଦ ପକାଇଦେଲେ କୁକୁର ସେମାନଙ୍କୁ କାମୁଡ଼ି ପକାଉଛନ୍ତି। ମାତ୍ର ବହୁ ସମୟରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡ଼ା ଇଞ୍ଜେକ୍ସନ ମିଳୁ ନ ଥିବା ଅଭିଯୋଗ ହେଉଛି। ତେଣୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ବୁଲା କୁକୁର ମୁକ୍ତ କରିବାକୁ ଦାବି ହୋଇଛି।

# ଶୁଣିଲାନି ପ୍ରଶାସନ, ରାସ୍ତା ମରାମତି କଲେ ଗ୍ରାମବାସୀ


ରାସ୍ତା ମରାମତିରେ ସାମିଲ ହୋଇଥିବା ଯୁବକମାନେ।

ଯାଜପୁରଟାଉନ,୭।୯(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ମାନସାପୋଲ-କୁଆଖିଆ ୨୦ନଂ. ଜାତୀୟ ରାଜପଥ ଦୀର୍ଘ ଦିନ ହେବ ଖାଲଖମାରେ ଭର୍ତ୍ତି ହୋଇଛି। ଏହାର ମରାମତି ପାଇଁ ଜିଲା ପ୍ରଶାସନକୁ ଗୁହାରି କରି ନିରାଶ ହେବାପରେ ସ୍ଥାନୀୟ ବିଚିତ୍ରପୁର ପଞ୍ଚାୟତ ୧୩ ନମ୍ବର ୱାର୍ଡମେମ୍ବର ଅଚ୍ୟୁତାନନ୍ଦ ସ୍ୱାଇଁ ଓ ଅବଦଲପୁର ଗାଁର ଯୁବକମାନେ ବାଲି, ସିମେଣ୍ଟ ପକାଇ ରାସ୍ତା ମରାମତି କରିଛନ୍ତି। ଏଥିସହିତ ଜିଲା ପ୍ରଶାସନ ଉପରେ ସମସ୍ତେ ଅସନ୍ତୋଷ ପ୍ରକାଶ କରିଛନ୍ତି।
ରାସ୍ତାର ଗୋଖନା ବଜାର ମଝିରେ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିଲା। ସେଠାରେ ବର୍ଷା ପାଣି ଜମି ରହି ପୋଖରୀର ଭ୍ରମ ସୃଷ୍ଟି କରିବା ସହ ଦୈନିକ ବାଇକ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଥିଲେ। ସେହି ରାସ୍ତାଦେଇ ପ୍ରତ୍ୟେକ ଦିନ ଜିଲା ପ୍ରଶାସନିକ ଅଧିକାରୀ, ନେତା ଓ ମନ୍ତ୍ରୀ ଯିବା ଆସିବା କରୁଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିଲେ। ଏହାର ମରାମତି ପାଇଁ ଗାଁର ଯୁବକମାନେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ କୌଣସି ଅଧିକାରୀ କର୍ଣ୍ଣପାତ କରି ନ ଥିଲେ ବୋଲି ଯୁବକମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଯୁବଗୋଷ୍ଠୀଙ୍କ ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଶିକ୍ଷା ଆରୋହଣ, ଆହରଣର ଉଚ୍ଚତମ ସୋପାନ

ଯାଜପୁର,୭।୯(ହର୍ଷବର୍ଦ୍ଧନ ବେହେରା)

- ୪୦ ଜଣଙ୍କୁ ଆଦର୍ଶ ଗୁରୁ ସମ୍ମାନ
- ୨୦ ଜଣଙ୍କୁ ରାଧାକ୍ରିଷ୍ଣନ ସ୍ମୃତି ସମ୍ମାନ

ଶିକ୍ଷା ହେଉଛି ଆରୋହଣ ଓ ଆହରଣର ଉଚ୍ଚତମ ସୋପାନ। ଶିକ୍ଷା ସମାଜର ମେରୁଦଣ୍ଡ। ଶିକ୍ଷା ସଂସ୍କାର ଦିଏ। ତେଣୁ ଶିକ୍ଷକ ସଂସ୍କୃତିର ଧାରକ ଓ ବାହକ। ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ଗୁରୁସମ୍ବର୍ଦ୍ଧନା ସମାରୋହରେ ବକ୍ତାମାନେ ଏହି ମତପୋଷଣ କରିଛନ୍ତି। ସାରସ୍ୱତ ସମାବେଶ ମଞ୍ଚ, ଓଡ଼ିଶା ଓ ଭାରତରତ୍ନ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ୧୩୮ ତମ ଜୟନ୍ତୀ କମିଟି ପକ୍ଷରୁ ଆୟୋଜିତ ସମାରୋହରେ ଯାଜପୁର ବିଧାୟିକା ସୁଜାତା ସାହୁ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ସାରସ୍ୱତ ସମାବେଶ ମଞ୍ଚର ସଭାପତି ଘନ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ଯାଜପୁର ଜିଲା ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ଗୌତମ ରାୟ ମୁଖ୍ୟଅତିଥି, କଳିଙ୍ଗନଗର ଜନଜୀବନ ସୁରକ୍ଷା ପରିଷଦର ସଭାପତି ପ୍ରଶାନ୍ତ କୁମାର ରାୟ ମୁଖ୍ୟବକ୍ତା, ବାଲେଶ୍ୱରର ପ୍ରାକ୍ତନ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଓ ଶିକ୍ଷାବିତ୍ ସୁରେନ୍ଦ୍ର ରାୟ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ। ଅଭ୍ୟର୍ଥନା କମିଟିର ଉପାଧ୍ୟକ୍ଷ ଧରଣୀଧର ମହାପାତ୍ର ମଞ୍ଚ ନିମନ୍ତ୍ରଣ, ଉପସଭାପତି ଅକ୍ଷୟ କୁମାର ପଣ୍ଡା ଅତିଥି ପରିଚୟ ଓ ଅଭ୍ୟର୍ଥନା କମିଟିର ଉପାଧ୍ୟକ୍ଷ ଦେବେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ୪୦ଜଣଙ୍କୁ 'ଆଦର୍ଶ ଗୁରୁ ସମ୍ମାନ-୨୦୨୫ ଏବଂ ୨୦ଜଣଙ୍କୁ 'ଭାରତରତ୍ନ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ସ୍ମୃତିସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ କଣ୍ଠଶିଳ୍ପୀ ଶରତ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଦଶରଥପୁର କଳାବିକାଶ କେନ୍ଦ୍ରର କଣ୍ଠଶିଳ୍ପୀମାନଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା।

### ବ୍ୟବସାୟୀଙ୍କ ପରଲୋକ

ଯାଜପୁରଟାଉନ,୭।୯(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ମହାବୀର ଛକର ବ୍ୟବସାୟୀ ସଦାନନ୍ଦ ବେହେରା(୫୦)ଙ୍କ ଶନିବାର ପରଲୋକ ହୋଇଯାଇଛି। ସେ ବ୍ରେନ ଷ୍ଟୋକରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ସଦାନନ୍ଦ ମହାବୀର ଛକରେ ତେଜରାତି ଦୋକାନ କରିଥିଲେ। ମରଶରୀରକୁ ମହାବୀର ଛକକୁ ଅଣାଯିବା ପରେ ସମସ୍ତ ଦୋକାନୀ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ରବିବାର ମହାବୀର ଛକର ଦୋକାନ ବନ୍ଦ ରହିଥିଲା।

### ବିଶ୍ୱ ପାରା ଆଥ୍‌ଲେଟିକ୍‌ରେ ଭାଗନେବେ ଦେବାମୃତ

କଳିଙ୍ଗନଗର,୭।୯(ଶୁଭାଶିଷ ରାଉତ): ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଯାଉଥିବା ବିଶ୍ୱ ପାରା ଆଥଲେଟିକ ପ୍ରତିଯୋଗିତାରେ ସାମିଲ ହେବେ ଦାନଗଦିର କ୍ରୀଡ଼ାବିତ୍ ଓ ପ୍ରଶିକ୍ଷକ ଦେବାମୃତ। ଆସନ୍ତା ୨୫ରୁ ଅକ୍ଟୋବର ୫ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଜବହାରଲାଲ ନେହେରୁ ଷ୍ଟାଡିୟମଠାରେ ହେବାକୁ ଥିବା ଉକ୍ତ ପ୍ରତିଯୋଗିତାରେ ଦେବାମୃତ କ୍ରୀଡ଼ା ପରିଚାଳନା କରିବେ। ଏହି ସୁଯୋଗକୁ ପାଇବା ନିଜ ପାଇଁ ଗର୍ବର ବିଷୟ ବୋଲି ଦେବାମୃତ କହିଛନ୍ତି। ତାଙ୍କୁ ମନୋନୟନ ପାଇଁ ସେ ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏଶନ ଓ ପାରା ଅଲିମ୍ପିକ କମିଟି ଅଫ ଇଣ୍ଡିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦେବାମୃତ ପାରା କ୍ରୀଡାବିତ ଭାବେ ହୁଇଲ ରାଜ୍ୟ ଚେୟାର ଫେନସିଂ ଦଳରେ ସାମିଲ ହୋଇ ଏକାଧିକ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ।

### ମହିଳାଙ୍କୁ ହତ୍ୟା ଘଟଣାରେ ୩ କୋର୍ଟଚାଲାଣ

ବ୍ରହ୍ମବରଦା,୭।୯(ଯଯାତି କେଶରୀ ବେହେରା): ବ୍ରହ୍ମବରଦା ଥାନା ମଙ୍ଗଳପୁର ପଞ୍ଚାୟତ ରାଏପଡ଼ା ଗ୍ରାମରେ ଜଣେ ମହିଳାଙ୍କୁ ହତ୍ୟା ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମହିଳାଙ୍କ ସ୍ୱାମୀ ଜଗନ୍ନାଥ ମିଶ୍ର (୩୭), ନଣନ୍ଦ ସରସ୍ୱତୀ ମିଶ୍ର (୪୫) ଓ ଭଣଜା ସ୍ନେହାଶିଷ ପଣ୍ଡା(୨୭)।

ଗତ ଶୁକ୍ରବାର ମଧ୍ୟାହ୍ନରେ ସ୍ୱାମୀ ଜଗନ୍ନାଥ ଓ ସ୍ତ୍ରୀ ରୁଚିସ୍ମିତା ପଣ୍ଡା ଓରଫ୍ ବର୍ଷାଙ୍କ(୨୪) ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ଜଗନ୍ନାଥ କୁଆଡ଼େ ଚାଲିଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରିଥିଲେ। ହେଲେ ସ୍ତ୍ରୀ ବର୍ଷା କବାଟ ଖୋଲି ନ ଥିଲେ। ପଡ଼ୋଶୀଙ୍କ ସହାୟତାରେ ଜଗନ୍ନାଥ କବାଟ ଭାଙ୍ଗିଥିଲେ। ଏହି ସମୟରେ ବର୍ଷା ଫ୍ୟାନ୍‌ରେ ଝୁଲୁଥିଲେ। ଜଗନ୍ନାଥ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବର୍ଷାଙ୍କ ବାପ ଘରକୁ ଜଗନ୍ନାଥ ଫୋନ କରି ଜଣାଇଥିଲେ। ବର୍ଷାଙ୍କ ବାପା ବ୍ରଜବନ୍ଧୁ ପଣ୍ଡା ପହଞ୍ଚି ବ୍ରହ୍ମବରଦା ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୨୧୨/୨୫ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଏସଆଇ ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

# ବ୍ଲକସ୍ତରୀୟ ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ



ତାଲିମ ଶିବିରରେ ଯୋଗଦେଇଥିବା ଶିକ୍ଷକ ଓ ଅନ୍ୟମାନେ।

**ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ଶିକ୍ଷାର ମୂଳସ୍ରୋତରେ ସାମିଲ କରିବ ନିଷ୍ଠା**

ରସୁଲପୁର,୭।୯(ରଞ୍ଜିତ ରାଉତ): ନ୍ୟାଶନାଲ ଇନିସିଏଟିଭ୍ ସ୍କୁଲ୍ ହେଡ୍‌ସ ଟିଚର ହୋଲିଷ୍ଟିକ୍ ଆଡ୍‌ଭାନ୍ସମେଣ୍ଟ(ନିଷ୍ଠା) ଜରିଆରେ ଏକ ୫ଦିନିଆ ପ୍ରଧାନଶିକ୍ଷକ ଓ ଶିକ୍ଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ବିଲିପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଶିବିରରେ ପ୍ରାଥମିକ ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀଙ୍କୁ କିଭଳି ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ ଏବଂ ବିଭିନ୍ନ ବର୍ଗର ପିଲାଙ୍କୁ ଗୋଟିଏ ଛାତତଳେ ଶିକ୍ଷା ପ୍ରଦାନ କରାଯିବ ସେ ନେଇ ତାଲିମ ପ୍ରଦାନ କରାଯାଇଛି।
ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ କିଭଳି ଶିକ୍ଷାର ମୂଳସ୍ରୋତରେ ସାମିଲ କରାଯାଇ ପାରିବ ସେ ଦିଗରେ ଏହି ତାଲିମ ଅଧିକ ଫଳପ୍ରଦ ହୋଇପାରିବ ବୋଲି କୁହାଯାଇଛି।
ଶିବିରରେ ପିଲାଙ୍କୁ ପାଠ୍ୟକ୍ରମ ବ୍ୟତୀତ ସ୍ୱତନ୍ତ୍ର ଆବଶ୍ୟକତା ଯଥା-ସୁଷମ ଖାଦ୍ୟ, ଯୋଗ, ଖେଳକୁଦ, ନାଚଗୀତ ଏବଂ ବହୁମୁଖୀ ପ୍ରତିଭାର ବିକାଶ ଦିଗରେ କି ପ୍ରକାର ଶିକ୍ଷା ପ୍ରଦାନ କରାଯିବ ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରସୁଲପୁର ବ୍ଲକ ସହକାରୀ ଶିକ୍ଷାଧିକାରୀ ପ୍ରଭଞ୍ଜନ ପତି, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ, ସମ୍ମାନିତ ଅତିଥି ଭାବେ ବିଆରସିସି ଅରୁଣ କୁମାର ସେଠୀ, ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ମହାପାତ୍ର, ବ୍ଲକ ସମ୍ବଳ ବ୍ୟକ୍ତି ସବିତା ସାହୁ, ରାମକୃଷ୍ଣ ମହାକୁଡ ପ୍ରମୁଖ ଯୋଗଦେଇ ତାଲିମ ଶିବିର ଜରିଆରେ ପ୍ରଦାନ କରାଯାଇଥିବା ଉପାଦେୟ ଓ ଶିକ୍ଷଣୀୟ ବିଷୟକୁ ଶ୍ରେଣୀ ପ୍ରକୋଷ୍ଠରେ ସଦୁପଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ଓ ମୁଖ୍ୟବକ୍ତାଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ହରିପୁର, ମହମ୍ମଦପୁର, ବନଦୁର୍ଗା ଓ ମଧୁବନ କ୍ଲଷ୍ଟରରୁ ୫୧ଜଣ ଶିକ୍ଷକ ଯୋଗଦେଇ ତାଲିମ ନେଇଥିଲେ। ପ୍ରତ୍ୟହ ଶିବିରାର୍ଥୀଙ୍କୁ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା। ଶିକ୍ଷକ ବୈଦ୍ୟନାଥ ସାହୁ ଯୋଗ ଶିବିରକୁ ପରିଚାଳନା କରିଥିଲେ। ସମ୍ବଳ ଅଧିକାରୀ ଭାବେ ଅଶୋକ ସାହୁ, ଦିନେଶ ପୃଷ୍ଟି ଓ ଶୁକଦେବ ପାତ୍ର ପ୍ରମୁଖ ଶିବିରାର୍ଥୀଙ୍କୁ ତାଲିମ ପ୍ରଦାନ କରିଥିଲେ। ସିଆରସିସି ସଞ୍ଜୀବ ସୁତାର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।


**NOTICE BY JD CONSTRUCTIONS**

It is for information to all concerned that the Partnership Firm M/s **JD CONSTRUCTIONS** bearing Regd. No.-**1820202200202 / 2022** having its principal place of business at –**Office No-104, 1st Floor, Arihant Plaza, Plot No-B-15, PO/PS:- Saheed Nagar, Dist:- Khordha, City: Bhubaneswar, Odisha-751007** has been reconstituted with effect from **14/08/2025** vide reconstitution deed dated **14/08/2025** as follows:
**1. Before Reconstitution, Partners were:**
1) RONAK DUGAR (PAN: ANLPD9105H)
2) SWAYAM PRAKASH JENA (PAN: AJIPJ6037H)
**2. Incoming Partner:**
1) TWO7 ADDRESS MAKERS PRIVATE LIMITED
(Represent by it's Director, SWAYAM PRAKASH JENA)
(CIN: U41000OD2024PTC047197, PAN: AALCT3640B)
**3. Outgoing Partner:**
1) SWAYAM PRAKASH JENA (PAN: AJIPJ6037H)
**4. After Reconstitution, Partners are:**
1) RONAK DUGAR (PAN: ANLPD9105H)
2) TWO7 ADDRESS MAKERS PRIVATE LIMITED
(Represent by it's Director, SWAYAM PRAKASH JENA)
(CIN: U41000OD2024PTC047197, PAN: AALCT3640B)

CNR: MHLC01-002532-2021
No. 4138/2025
**OFFICE OF THE LABOUR COURT,**
New Administrative Bldg. Gr. Floor, Govt. Colony, Bandra (East), Mumbai - 400 051, Date : 22/8/2025
**IN THE 10th LABOUR COURT AT MUMBAI BEFORE SMT. J.R.RAUT, JUDGE**
**APPLICATION (ECA) No. 61/A-8/2025**
**1. Shri. Rajendra Raghu Samal**
**2. Mrs. Bini Rajendra Samal**
At : Bantha Palli Antei, Banthapalli, Ganjam, Odisha 760 002 **...Applicants**
**V/s**
**Aalok Infra Contractor & Developers**
At: 1102, Siwah Building, Skylines Oasis, Premier Road, Ghatkopar West, Mumbai 400 086. ...
**Opponents**
**PUBLICATION NOTICE**
Please take notice that, **Late Uma Rajendra Samal** has died on 25/09/2024 due to accident, while working with **Aalok Infra Contractor & Developers** and it is claims that the above applicants are the only legal heirs. The above mentioned applicants have filed an application in this Court to get the amount of compensation **Rs.14,20,325/- (Rs. Fourteen Lakhs Twenty Thousand Three Hundred Twenty Five Only)** deposited by Aalok Infra Contractor & Developer.
Now it is hereby informed that, if any person or persons have any objection with regard to the claim of the applicants regarding compensation amount deposited in this Court, the same be filed on 11/09/2025. Please take note that, the objection received after the above date will not be entertained by this Court.
By Order
Sd./- I/c Secretary
Labour Court, Mumbai

**Government of Odisha, "e"-Procurement Notice**
**WORKS DEPARTMENT**
**Bid Identification No. CCEKC-09/2025-26**
e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com
**No.B-445** **Letter No. 4213 dt. 22.08.2025**

| | | |
|---|---|---|
| 1. | No. of the work | : 2 number of Building Works and 3 number of Road Works |
| 2. | Eastimated cost | : Rs.114.43 Lakhs to Rs.765.85 Lakhs |
| 3. | Class of contractor | : "B", "A" & "Special" Class |
| 4. | Period of completion | : 03 (Three) Calendar Months to 09 (Nine) Calendar Months |
| 5. | Date and Time of availability of bid document in the portal | : From 11.00 Hours of 09.09.2025 to 16.00 Hours of 23.09.2025 |
| 6. | Last date / Time for receipt of bids in the portal | : 16.00 Hours of 23.09.2025 |
| 7. | Date of opening of bid from portal | : 11.30 Hours on 24.09.2025 |
| 8. | Name and address of the officer inviting bid | : Chief Construction Engineer, Keonjhar (R&B) Circle, Keonjhar-758001 |

Further details can be seen from the e-procurement portal "**http://tendersodisha.gov.in**"
**Sd./- Chief Construction Engineer**
**Keonjhar (R&B) Circle, Keonjhar**
**OIPR-34033/11/0089/2526**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, CUTTACK**
No.O-644
e-mail : serw_ctc@yahoo.com
**No. Tender Online RWC-17/2025** **e-Procurement NOTICE** **Letter No. 2949 Date : 22.08.2025**

| | | |
|---|---|---|
| 1. | **Name of the work** | : Construction of **Building and Road** works. |
| 2. | **Class of contractor** | |
| | c) Estimated cost more than Rs.6.00 Crore & upto Rs.50.00 Crore | : Special Class (of Odisha PWD) & relevant class of other licensing authorities. |
| | d) Estimated cost more than Rs.1.00 Crore & upto Rs.20.00 Crore | : A Class (of Odisha PWD) & relevant class of other licensing authorities. |
| | c) Estimated cost more than Rs.20.00 Lakh & upto Rs.3.00 Crore | : B Class (of Odisha PWD) & relevant class of other licensing authorities. |
| 3. | **Time for Completion** | : As specified in the **Column-7 of the Annexure**. |
| 4. | **Detail Projects** | : **As per Annexure attached** |
| 5. | **Other Details** | : |

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 1 | 2 |
| Chief Construction Engineer, Rural Works Circle, Cuttack | Tender Online RWC-17/25 | 08.09.2025 at 11.30 A.M. | 23.09.2025 up to 05.00 P.M. | 23.09.2025 up to 02.00 P.M. | 24.09.2025 at 11.30 A.M. | Will be intimated later |

| 2 | Total No. of Works | 1 No. Road Work |
| 3 | Estimated Cost | Rs. 80,88,291.00 (As per Tender Call Notice) |
| 4 | Class of Contractor | B Class (As per Tender Call Notice) |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System Tender |
| 7 | Date & time of availability of bid document in the portal | Dt.09.09.2025 to Dt.24.09.2025 up to 17.30 hours |
| 8 | Last Date & Time for Receipt of bids in the Portal | Dt.24.09.2025 at 17.30 hours |
| 9 | Opening of Bid through online | Dt.25.09.2025 at 11.30 hours |
| 10 | Name & Adderss of the Officer inviting Bid | Er. Sundara Madhaba Padhi, Additional Chief Engineer, Bhubaneswar (R&B) Division No.IV, Bhubaneswar |

Further details can be seen from the e-procurement portal https://tendersorissa.gov.in.
The Tender Inviting Authority reserves the right to reject / cancel / modify the tender at any time without assigning any reason thereof.
**N.B : Subsequent corrigendum / addendum if required shall be available in the website as indicated above.**

**OIPR-34090/11/0023/2526** Sd./- Additional Chief Engineer BBSR (R&B) Division No.IV, BBSR

**SUNDARAM HOME** — Sundaram Finance Group —
**ପଞ୍ଜୀକୃତ କାର୍ଯ୍ୟାଳୟ:** ନଂ.୨୧, ପାଟୁଲସ୍ ରୋଡ୍, ଚେନ୍ନାଇ-୬୦୦୦୦୨। **କର୍ପୋରେଟ୍ କାର୍ଯ୍ୟାଳୟ:** ସୁନ୍ଦରମ୍ ଟାୱାର୍ସ, ନଂ. ୪୬, ହ୍ୱାଇଟ୍‌ସ ରୋଡ୍, ଚେନ୍ନାଇ-୬୦୦୦୧୪। ଫୋନ୍-୦୪୪-୨୮୫୧୫୨୬୭
**ଶାଖା କାର୍ଯ୍ୟାଳୟ:** ମାର୍ଫତ୍ ସୁନ୍ଦରମ୍ ଫାଇନାନ୍ସ ଲିମିଟେଡ୍, ପ୍ଲଟ୍ ନଂ.ଏ/୧୬୭, ମେଟ୍ରୋପଲିସ୍, ପ୍ରଥମ ମହଲା, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭, ଓଡ଼ିଶା

**ବିକ୍ରୟ ନୋଟିସ**

ଯେହେତୁ **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍**ର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ଏବଂ ଧାରା ୧୩(୧୨) ସହିତ ପଠନପୂର୍ବକ ଧାରା ୧୩(୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ଋଣଗ୍ରହୀତାଙ୍କୁ ତା୦୧।୦୨୦୧୯ରିଖରେ ଏକ ଡିମାଣ୍ଡ ନୋଟିସ୍ ଜାରି କରି ନୋଟିସ ତାରିଖରୁ ୬୦ ଦିନ ମଧ୍ୟରେ ନୋଟିସରେ ଦର୍ଶିତ ଅର୍ଥରାଶିକୁ ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ବୈଧାନିକ ଅବଧି ମଧ୍ୟରେ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ପ୍ରାଧିକୃତ ଅଧିକାରୀ କଥିତ ଅଧିନିୟମର ଧାରା ୧୩(୪) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ବାସ୍ତବିକ ଭାବେ ନିଜ ଦଖଲକୁ ନେଇଛନ୍ତି।

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ନିମ୍ନପ୍ରଦତ୍ତ ସାରଣୀରେ ସମ୍ପୂର୍ଣ୍ଣ ଭାବେ ବର୍ଣ୍ଣିତ ସମ୍ପତ୍ତିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଓ ୯ ଅଧୀନରେ ସର୍ବସାଧାରଣଙ୍କଠାରୁ **ତା୨୩।୧୦।୨୦୨୫ରିଖ** ୧୬.୦୦ ଘଟିକା ପର୍ଯ୍ୟନ୍ତ ଜଉମୁଦଦିଆ ଟେଣ୍ଡର ଆମନ୍ତ୍ରଣ କରାଯାଇ **"ଯେପରି ଅଛି ଯେଉଁଠି ଅଛି"** ଏବଂ **"ଯେପରି ଅଛି ଯାହା ଅଛି"** ଓ **"ସେଠାରେ ଯାହା ବି ଅଛି"** ସ୍ଥିତିରେ, ଅନନ୍ୟୋପାୟ ବିନା ଭିତ୍ତିରେ ବିକ୍ରୟ କରାଯିବ। ଯେଉଁମାନେ ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଚାହୁଁଛନ୍ତି, ସେମାନେ **ତା୨୩।୧୦।୨୦୨୫ରିଖ** ୧୬.୦୦ ଘଟିକା କିମ୍ବା ଏହା ପୂର୍ବ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଜଉମୁଦଦିଆ ଲଫାପାରେ କେବଳ ଆର୍‌ପିଏଡି ଦ୍ୱାରା ସେମାନଙ୍କର ବିଡ୍ ପଠାଇପାରିବେ। **ତା୨୩।୧୦।୨୦୨୫ରିଖ** ୧୬.୦୦ ଘଟିକା ପରେ ପ୍ରାପ୍ତ ଟେଣ୍ଡରଗୁଡ଼ିକୁ ନାକଚ କରିଦିଆଯିବ। ଆର୍‌ପିଏଡି ଦ୍ୱାରା **ତା୨୩।୧୦।୨୦୨୫ରିଖ** ୧୬.୦୦ ଘଟିକା ସୁଦ୍ଧା ପ୍ରାପ୍ତ ଜଉମୁଦଦିଆ ଟେଣ୍ଡରଗୁଡ଼ିକୁ **ତା୨୩।୧୦।୨୦୨୫ରିଖ** ୧୬.୩୦ ଘଟିକାରେ ନିମ୍ନଦର୍ଶିତ ସ୍ଥାନରେ ଖୋଲାଯିବ। ସଫଳ ବିଡରଙ୍କୁ ଅବଶିଷ୍ଟ ଅର୍ଥରାଶି ଇଣ୍ଟିମେଶନ୍ ପ୍ରାପ୍ତି ତାରିଖରୁ ୧୫ ଦିନ ମଧ୍ୟରେ ପୈଠ କରିବାକୁ ହେବ। ଉପରେ ଦର୍ଶାଯାଇଥିବା ଅନୁଯାୟୀ ଅବଶିଷ୍ଟ ଅର୍ଥରାଶି ଜମା କରାଯିବା ପରେ ହିଁ ବିକ୍ରୟ ସମ୍ପୂର୍ଣ୍ଣ ହେବ।

| ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା | ପ୍ରତିଭୂତିଯୁକ୍ତ ଋଣ (ଟ.) | ସମ୍ପତ୍ତି ପାଇଁ ସ୍ଥିର ହୋଇଥିବା ସଂରକ୍ଷିତ ମୂଲ୍ୟ | ମାଲିକାନା ଯାଞ୍ଚ ସ୍ଥାନ |
|---|---|---|---|
| **ପ୍ରଶାନ୍ତ କୁମାର ଗୁରୁ (ଋଣଗ୍ରହୀତା),** ସ୍ଥାନ- ଅରୁଦ୍ୟ ମାର୍କେଟ୍, ପିସି ସରକାର ଲେନ୍, ତାରିଣି ଭେରାଇଟି ଷ୍ଟୋର୍ ପାଖ, ମଧୁପାଟଣା, କଟକ-୭୫୩୦୧୨। **ଆହୁରି ମଧ୍ୟ ସ୍ଥାନ:** ମା ସି ଫିଶ୍ ଟ୍ରେଡିଂ ଆଣ୍ଡ ସପ୍ଲାୟର୍ସ, ରାଣୀ ମହଲ, ଏଲ୍ଆଇସି କଲୋନୀ, ପୋଷ୍ଟ- ଅରୁଣୋଦୟ ମାର୍କେଟ୍, ବାଦାମବାଡ଼ି, କଟକ-୭୫୩୦୧୨। **ଆହୁରି ମଧ୍ୟ ସ୍ଥାନ:** ପ୍ଲଟ୍ ନଂ.-୩୯୯/୧୧୧୩, ମୌଜା- କଟକ ସହର, ୟୁନିଟ୍-୩୮, ଥାନା- ମଧୁପାଟଣା, ମଧୁପାଟଣା, କଟକ, ୭୫୩୦୧୨। **ସୁଷମା ରାଣୀ ଗୁରୁ (ସହ-ଋଣଗ୍ରହୀତା),** ସ୍ଥାନ- ଅରୁଦ୍ୟ ମାର୍କେଟ୍, ପିସି ସରକାର ଲେନ୍, ତାରିଣି ଭେରାଇଟି ଷ୍ଟୋର୍ ପାଖ, ମଧୁପାଟଣା, କଟକ-୭୫୩୦୧୨। **ଆହୁରି ମଧ୍ୟ ସ୍ଥାନ:** ପ୍ଲଟ୍ ନଂ.-୩୯୯/୧୧୧୩, ମୌଜା- କଟକ ସହର, ୟୁନିଟ୍-୩୮, ଥାନା- ମଧୁପାଟଣା, କଟକ, ୭୫୩୦୧୨। | **ଟ. ୨୭,୫୨,୪୦୬/-** (ସତେଇଶ ଲକ୍ଷ ବାଉନ ହଜାର ଚାରିଶହ ଛଅ ଟଙ୍କା ମାତ୍ର), ତା୦୮।୦୯।୨୦୨୫ରିଖ ସୁଦ୍ଧା + ପରିଶୋଧର ବାସ୍ତବ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ତଥା ଅନ୍ୟାନ୍ୟ ଶୁଳ୍କ ଆଦି, ଯଦି ଥାଏ। | **ଟ. ୬୭,୦୭,୦୦୦/-** (ସତଷଠି ଲକ୍ଷ ସାତ ହଜାର ଟଙ୍କା ମାତ୍ର) **ଅମାନତ ଜମା ରାଶି:** ବିଡ୍ ପରିମାଣର ୨୫% | **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍,** ପ୍ଲଟ୍ ନଂ. ଏ/୧୬୭, ମେଟ୍ରୋପଲିସ୍, ପ୍ରଥମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭ **ବିଡ୍ ଖୋଲାଯିବା ସ୍ଥାନ:** **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍,** ନଂ. ୨୩, କ୍ୟାଥେଡ୍ରାଲ ଗାର୍ଡେନ ରୋଡ୍, ୨ୟ ମହଲା, ନୁଙ୍ଗାମବକ୍କମ୍, ଚେନ୍ନାଇ-୬୦୦୦୩୪ **ବିଡ୍ ଖୋଲାଯିବାର ତାରିଖ:** ୨୩।୧୦।୨୦୨୫ @ ୧୬.୩୦ |

**ସମ୍ପତ୍ତିର ବର୍ଣ୍ଣନା:** ଏ.୦.୦୪୬ ଡିସିମିଲ, ପରିମାପର ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, କିସମ: ଘରବାରି-୨ (ହୋମ୍‌ଷ୍ଟିଡ୍)। ଖାତା ନଂ.୬୭ ଓ ପ୍ଲଟ୍ ନଂ. ୩୯୯/୧୧୧୩୪ରେ ସୟଳିତ। ଅବସ୍ଥିତି ସ୍ଥାନ- ୟୁନିଟ୍ ନଂ.୩୮, ମୌଜା: ଅରୁଣୋଦୟ, ତହସିଲ: କଟକ ସଦର, ଜିଲ୍ଲା: କଟକ, ଓଡ଼ିଶା ରାଜ୍ୟ। ଚଉହଦୀ: ଉତ୍ତର: ଅଶୋକ ସାହୁଙ୍କ ସମ୍ପତ୍ତି, ଦକ୍ଷିଣ: ସଡ଼କ, ପୂର୍ବ: ବୀର ଗୁରୁ ଓ ଭଗୀ ଗୁରୁଙ୍କ ସମ୍ପତ୍ତି, ପଶ୍ଚିମ: ନାରାୟଣ ଗୁରୁଙ୍କ ସମ୍ପତ୍ତି।

**ଦ୍ରଷ୍ଟବ୍ୟ: ଆଗ୍ରହୀ କ୍ରେତାମାନଙ୍କୁ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ଦଲିଲଗୁଡ଼ିକୁ ଯାଞ୍ଚ କରିବା ଓ ସମ୍ପତ୍ତିର ନିରୀକ୍ଷଣ କରିବା ତଥା ସମ୍ପତ୍ତିର ମାଲିକାନା, ପ୍ରକୃତି ଏବଂ ସର୍ତ୍ତ ସମ୍ବନ୍ଧରେ ସନ୍ତୁଷ୍ଟ ହେବା ପରେ ହିଁ ନିଲାମରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରାଯାଉଛି। କ୍ରୟ ନିଶ୍ଚିତ ହେବା ପରେ, ଯଦି ସମ୍ପତ୍ତିର ମାଲିକାନାକୁ ନେଇ କୌଣସି ବିବାଦ ଉପୁଜେ, ତେବେ ଅର୍ଥରାଶି ଫେରସ୍ତ କରାଯିବ ନାହିଁ।**

**ଶ୍ରୀ ପ୍ରଶାନ୍ତ କୁମାର ଗୁରୁ, ଋଣ ଖାତା ନଂ. ୬୬୨୦୦୦୭୩ର ସମ୍ପତ୍ତି ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି www.sundaramhome.in/uploads/files/sale_notice/66200073.pdf ଦେଖନ୍ତୁ।**

**ଯୋଗାଯୋଗ ନମ୍ବର: ଶ୍ରୀ ଗୁରଦୀପ ସିଂହ (+୯୧ ୮୫୮୫୦୦୫୪୯୯)**

**ତାରିଖ: ୦୮।୦୯।୨୦୨୫** **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ପାଇଁ ପ୍ରାଧିକୃତ ଅଧିକାରୀ**

# ବନ୍ୟାବିପନ୍ନଙ୍କୁ ମିଳିଲା ନାହିଁ ରିଲିଫ୍: ବଢୁଛି ଅସନ୍ତୋଷ

- ପଟ୍ଟାମୁଣ୍ଡାଇରେ ବନ୍ୟା ପରିସ୍ଥିତି ଗମ୍ଭୀର
- ୭୦ହଜାର ଲୋକ ବିପନ୍ନ
- ମିଳୁନାହିଁ ବିଶୁଦ୍ଧ ପାଣି


ପାଣିରେ ପଶି ଲୋକମାନେ ଯାଉଛନ୍ତି।

**ପଟ୍ଟାମୁଣ୍ଡାଇ, ୭।୯ ( କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ଦେଇ ପ୍ରବାହିତ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ଜୁଲାଇ ୭ରୁ ଏ ପର୍ଯ୍ୟନ୍ତ ୪ ଥର ବନ୍ୟା ଆସି ୧୪ ପଞ୍ଚାୟତ ସମେତ ପୌରାଞ୍ଚଳର ୧୧ ୱାର୍ଡରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ବହୁ ଗ୍ରାମ ବହ୍ୟଜଗତରୁ ବିଚ୍ଛିନ୍ନ ଅଛି। ୪ ଥର ବନ୍ୟା ଆସିବା ଫଳରେ ବହୁ ହେକ୍ଟର ଚାଷଜମିରେ ଫସଲ ଉଜୁଡ଼ି ଯାଇଛି। ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ବନ୍ୟା ଛାଡ଼ିବା ପରେ ଚାଷୀ ଅଣ୍ଟା ସଳଖି ଚାଷ କାମ ଆରମ୍ଭ କରୁଥିବା ବେଳେ ପୁଣି ବନ୍ୟା ଚିନ୍ତାରେ ପକାଇ ଦେଇଛି। ଅନ୍ୟପକ୍ଷରେ ଗରିବ ଖଟିଖିଆ ମୁଲିଆ ଶ୍ରେଣୀର ଲୋକମାନେ ଜଳବନ୍ଦୀରେ ରହି କାମକୁ ଯାଇ ନ ପାରି ଭୋକ ଉପାସରେ କାଳାତିପାତ କରୁଛନ୍ତି। ମାତ୍ର ପ୍ରଶାସନ ପକ୍ଷରୁ ଏ ଯାବତ କୌଣସି ସରକାରୀ ସହାୟତା ରିଲିଫ, ପଲିଥିନ, ବ୍ଲିଚିଂ ଆଦି ଯୋଗାଇ ଦିଆଯାଇନାହିଁ। ଏଣେ ଝିପ୍‌ଝିପ୍ ବର୍ଷା ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଛି।

ବନ୍ୟାଞ୍ଚଳ ଲୋକ ନରେନ୍ଦ୍ର ଧଳ, ହିମାଂଶୁ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ନାୟକ, ହେମନ୍ତ ବିଶ୍ୱାଳ, ସହଦେବ ମଲ୍ଲିକ ପ୍ରମୁଖ କହିଛନ୍ତି, ନଦୀନାଳ ଘେରା ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ପାଖାପାଖି ୭୦ରୁ ଊର୍ଦ୍ଧ୍ୱ ଗାଁରେ ୪ ଥର ବନ୍ୟା ତାଣ୍ଡବ ରଚି ଚାଲିଛି। ବହୁ ଲୋକେ ଜଳବନ୍ଦୀରେ ଥିବା ଗାଁ ଦାଣ୍ଡରେ ଅଢେଇରୁ ୪ ଫୁଟର ବନ୍ୟାଜଳ ଲହଡି ମାରୁଛି। ଏଭଳିସ୍ଥଳେ ଗରିବ ଖଟିଖିଆ ପରିବାରଙ୍କ ଘରେ ଖାଇବାକୁ ଚୁଲି ଜଳୁନାହିଁ। ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଛି। ଘର ଭିତରକୁ ପାଣି ପଶିଯିବାରୁ ସରିସୃପ ପଶିଯାଉଛନ୍ତି। ମାତ୍ର ପ୍ରଶାସନ ପକ୍ଷରୁ ଠୋସ ପଦେକ୍ଷପ ନିଆଯାଉନାହିଁ। ସହସ୍ରାଧିକ ଗରିବ ପରିବାର ଜୀବନ ବଞ୍ଚାଇବା ପାଇଁ ଉଚ୍ଚ ସ୍ଥାନକୁ ଚାଲି ଯାଇଛନ୍ତି। ଗରିବ ଓ ଖଟିକିଆ କାମକୁ ନ ଯାଇ ଘରେ ରହୁଥିବା ବେଳେ ତାଙ୍କ ପାଇଁ ୪ଟି ବନ୍ୟା ହେଲାଣି ଥରେ ବି ପ୍ରଶାସନ ପକ୍ଷରୁ ରାନ୍ଧାଖାଦ୍ୟ ତ ଦୂରର କଥା ଶୁଖିଲା ଖାଦ୍ୟ ଦିଆଯାଉନାହିଁ। ପୂର୍ବରୁ କେବଳ ଗୋରୁଙ୍କ ପାଇଁ ଖାଦ୍ୟ ପହଞ୍ଚିଥିଲା। ହେଲେ ତାହା ସମୁଦ୍ରକୁ ଶଙ୍ଖେ। ମାତ୍ର ଗରିବ ଛୋଟ ପିଲାଙ୍କ ପାଇଁ ରିଲିଫ ଦିଆଯାଇନାହିଁ। ବ୍ରାହ୍ମଣୀ ଶାଖା ନଦୀଗୁଡ଼ିକରେ ପାଣି ବଢୁଥିବାରୁ ନଦୀକୂଳିଆ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ରବିବାର ପୂର୍ଣ୍ଣମୀ ହୋଇଥିବା ବେଳେ ୪ ଦିନ ପର୍ଯ୍ୟନ୍ତ ପାଣି ଛାଡିବ ନାହିଁ। ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ ବିଚ୍ଛିନ୍ନ ହୋଇଥିବାରୁ ମହମବତି ବି ପହଞ୍ଚୁନାହିଁ। କେବଳ ଗୋଖାଦ୍ୟ ଦେଇ ପ୍ରଶାସନ ଦାୟିତ୍ୱ ଶେଷ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ବନ୍ୟା ଅଞ୍ଚଳରେ ବିଶୁଦ୍ଧ ପାଣି ମିଳୁନାହିଁ। ବିଭିନ୍ନ ଗାଁରେ ଥିବା ନଳକୂପଗୁଡ଼ିକ ବନ୍ୟାଜଳରେ ବୁଡ଼ି ଯାଇଛି। ନିୟମ ଅନୁଯାୟୀ, ବନ୍ୟା ଜଳରେ ବୁଡ଼ି ରହିଥିବା ନଳକୂପଗୁଡ଼ିକୁ ବନ୍ୟାଜଳ ହ୍ରାସ ପରେ ବ୍ଲିଚିଂ ପକାଯାଇ ସେହି ଜଳକୁ ବିଶୋଧନ କରି ବାହାରୁ ଥିବା ପାଣିର ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଇବା କଥା। ମାତ୍ର ଗତ ୩ ଥର ବନ୍ୟା ପରେ ମଧ୍ୟ ବିଭାଗ ପକ୍ଷରୁ ନଳକୂପର ଜଳକୁ ବିଶୋଧନ କରାଯାଇନାହିଁ। ଫଳରେ ପେଣ୍ଡପାଳ ପଞ୍ଚାୟତ ଦାଣ୍ଡିସାହିରେ ଅଗଷ୍ଟ ୧୪ରେ ଜଣ୍ଡିସ ରୋଗ ବ୍ୟାପି ଥିଲା। ବିଭିନ୍ନ ଅଞ୍ଚଳ ବନ୍ୟା ଜଳରେ ବୁଡି ରହିବା ଫଳରେ ପାନୀୟ ଜଳ ଉତ୍ସଗୁଡିକ ବୁଡି ଯାଇଥିଲା। ଫଳରେ ପାନୀୟ ଜଳ ସଙ୍କଟ ଦେଖା ଦେଇଥିଲା। ବିଶୁଦ୍ଧ ପାନୀୟ ଜଳ ଅଭାବରୁ ଲୋକମାନେ ନଈ ପୋଖରୀ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ଆଗାମୀଦିନରେ ବିଭିନ୍ନ ପ୍ରକାର ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହେଉଛି।

## ପାଣିରେ ରାଜନଗରର ୪ ପଞ୍ଚାୟତ


ରାସ୍ତା ଉପରେ ପାଣି ଜମି ରହିଛି।

### ବ୍ରାହ୍ମଣୀରେ ଚତୁର୍ଥ ବନ୍ୟା

**ରାଜନଗର, ୭।୯(ଭାସ୍କର ରାଉତରାୟ)**

ବ୍ରାହ୍ମଣୀରେ ଚତୁର୍ଥ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢାଇ ଦେଇଛି। ରାଜନଗର ବ୍ଲକର ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ରାଜପୁର ପଞ୍ଚାୟାତ ପାଣି ଘେରରେ ରହିଛି। ଗତ ୨ ଦିନ ହେଲା ବନ୍ୟା ପାଣି ବଢୁଥିବାରୁ ବିପନ୍ନଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ୧୫ରୁ ଅଧିକ ଗାଁ ରାସ୍ତା ଉପରେ ୪ରୁ୬ ଫୁଟର ବନ୍ୟା ପାଣି ଚାଲୁଛି। ଓସ୍ତିଆ ପଞ୍ଚାୟତର ନଗଡ଼ ରାସ୍ତା ଉପରେ ୫ ଫୁଟର ପାଣି ଚାଲୁଅଛି। ଗାଁ ଦାଣ୍ଡରେ ବନ୍ୟା ପାଣି ଲହଡି ଭଙ୍ଗୁଥିବାରୁ ବିପନ୍ନ ୩୦୦ପରିବାର ବନ୍ୟା ଘେରରେ ରହିଛନ୍ତି। ରାଜନଗର ବ୍ଲକର ବନ୍ଧପଡା ପଞ୍ଚାୟତର ଚକିବାଙ୍କ, ଗୋବିନ୍ଦପୁର, ସନ୍ଥପଡା, ଟାଙ୍ଗଣଟୋଲା, ଫିରିଙ୍ଗିଦାଣ୍ଡି, ଓସ୍ତିଆ ପଞ୍ଚାୟତର ଓସ୍ତିଆ, ବନ୍ଧପାଟଣା, ନଗଡ, ଭଗବାନପୁର, ରାଜପୁର ପଞ୍ଚାୟତର ରାଜପୁର, ଚନ୍ଦନପୁର, ବେଲପାଳ ପଞ୍ଚାୟତ ସମ୍ପୂର୍ଣ୍ଣ ଭାବେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଦାଣ୍ଡି ବଳଭଦ୍ରପୁର ରାସ୍ତାରେ ୪ ଫୁଟ ଉଚ୍ଚତାର ବନ୍ୟା ପାଣି ଚାଲୁଅଛି। ବଳଭଦ୍ରପୁର -ରାଜପୁର ରାସ୍ତାରେ ୩ ଫୁଟ ପାଣି ଚାଲୁଛି। ଉପର ଓସ୍ତିଆ ରାସ୍ତା ଉପରେ ୫ ଫୁଟର ବନ୍ୟା ଜଳ ପ୍ରଭାବିତ ହେଉଛି। ଗାଁର ବଟବାବା ମନ୍ଦିର ସମ୍ମୁଖରେ ବନ୍ୟା ପାଣି ଜମି ରହିଛି। ଓସ୍ତିଆ, ବେଲପାଳ ବଜାରରେ ଥିବା ଦୋକାନଗୁଡ଼ିକ ବନ୍ୟା ପାଣି ଘେରରେ ରହିଛି।

## ଲୁଣା, କରାଣ୍ଡିଆ ନଦୀକୂଳବାସୀ ଭୟଭୀତ



**ଡେରାବିଶ, ୭।୯(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ହୀରାକୁଦ ଡ୍ୟାମରୁ ଶୁକ୍ରବାର ୨୦ଟି ଫାଟକ ଦେଇ ଛଡ଼ା ଯାଇଥିବା ବନ୍ୟା ଜଳ ମୁଣ୍ଡୁଳିଠାରୁ ୬ ଲକ୍ଷ ୨୫ ହଜାର ଘନଫୁଟ ଛଡାଯାଇଛି। ତେବେ ଛଡ଼ା ଯାଇଥିବା ଏହି ବନ୍ୟାଜଳ ନରାଜରୁ ରବିବାର ଅପରାହ୍ନ ୩ ଟାରେ ୩ ଲକ୍ଷ ଘନ୍‌ଫୁଟ ଛଡ଼ା ଯାଇଥିବାବେଳେ କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗର ଡେରାବିଶ ବ୍ଲକ ଛତା ଉପଖଣ୍ଡ ବନ୍ୟା ନିୟନ୍ତ୍ରଣ କକ୍ଷ ପକ୍ଷରୁ ସୂଚନା ମିଳିଛି। ଏହି ବନ୍ୟାଜଳ ମହାନଦୀରେ ପ୍ରବାହିତ ହେବା ଫଳରେ ଲୁଣା ନଦୀର ତଳିଆ ଅଞ୍ଚଳ ଓ ଲୁଣା ନଦୀ ଶାଖା ନଦୀ କରାଣ୍ଡିଆ ନଦୀ କୂଳିଆବାସୀଙ୍କ ପାଇଁ ବିପଦ ଦେଖା ଦେଇଛି। ଡେରାବିଶ ବ୍ଲକ ଅଧୀନସ୍ଥ ଲୁଣାନଦୀର ଦାନପୁରଠାରେ ବିପଦ ସଂକେତ ୩୩.୬୫ ଥିବା ବେଳେ ରବିବାର ସନ୍ଧ୍ୟା ୫ଟା ସୁଦ୍ଧା ଏଠାରେ ୨୯.୨୦ ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ଲୁଣା ନଦୀର ପୂର୍ବାଂଶଠାରେ ବିପଦ ସଂକେତ ୩୫.୨୮ ଫୁଟ ଥିବାବେଳେ ସନ୍ଧ୍ୟା ୫ଟା ସୁଦ୍ଧା ୩୧.୬୦ ଫୁଟ୍ ବନ୍ୟାଜଳ ପ୍ରବାହିତ ହେଉଥିବା ବନ୍ୟା ନିୟନ୍ତ୍ରଣ କକ୍ଷ ସୂତ୍ରରୁ ସୂଚନା ଦିଆଯାଇଛି। ସମ୍ଭାବ୍ୟ ବନ୍ୟା ଆଶଙ୍କା ନେଇ ଡେରାବିଶ ବ୍ଲକ ଅଧୀନ ମୁକୁନ୍ଦପୁର, ଦାନପୁର, ହରିଅଙ୍କ, ବସୁପୁର, ରତାଦିଆଖଣ୍ଡସାହି, ଇନ୍ଦାଲୋ, ଜଅଁରାବାରିମୂଳ ପଞ୍ଚାୟତର ନଦୀକୂଳିଆବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ସମ୍ଭାବ୍ୟ ବନ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ ଓ ସହକାରୀ ଯନ୍ତ୍ରୀ ନବୀନ ଚନ୍ଦ୍ର ପାଣିଗ୍ରାହୀ ସ୍ଥିତି ଉପରେ ସମ୍ପୂର୍ଣ୍ଣ ନଜର ରଖିଛନ୍ତି।

## ନିଖୋଜ ଚାଇନା ନାବିକଙ୍କ ମୃତଦେହ ଠାବ

### ୨ ଦିନ ପୂର୍ବରୁ ଜାହାଜରୁ ଖସି ସମୁଦ୍ରରେ ନିଖୋଜ ହୋଇଯାଇଥିଲେ


ମୃତ ଚାଇନା ନାବିକ ଝାଙ୍ଗ ତାଇ।

**ପାରାଦୀପ, ୭।୯(ଶରତ ରାଉତ)**

ପାରାଦୀପ ପିଆଇସିଟି ବନ୍ଦରରୁ ପଣ୍ୟ ଖଲାସ କରି ଏମ୍‌ଭି ଲକି ଡ୍ରାଗନ ନାମକ ଏକ ଜାହାଜ ବର୍ଥ ଛାଡୁଥିବାବେଳେ ଶୁକ୍ରବାର ଜଣେ ଚାଇନା ନାବିକ ସମୁଦ୍ରକୁ ଖସି ନିଖୋଜ ହୋଇଯାଇଥିଲେ। ରବିବାର ସନ୍ଧ୍ୟାରେ ଉକ୍ତ ସ୍ଥାନରେ ତାଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଠାବ କରାଯାଇଛି। ସେ ହେଲେ ଝାଙ୍ଗ ତାଇ। ଖବରପାଇ ମେରାଇନ ପୋଲିସ ଝାଙ୍ଗଙ୍କ ମୃତଦେହ ଜବତ କରି ସଂରକ୍ଷିତ ରଖିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୫/୨୫) ରୁଜୁ ହୋଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ହେବା ପରେ ଚାଇନା ପଠାଇବା ପାଇଁ ଜାହାଜ କମ୍ପାନୀ ବ୍ୟବସ୍ଥା କରିବ ବୋଲି ପୋଲିସ କହିଛି। ମୃତଦେହ ମିଳିବା ପରେ ମଧ ଜାହାଜ ବର୍ଥ ଛାଡ଼ିପାରିନାହିଁ। ସମସ୍ତ କ୍ଲିୟରାନ୍ସ ମିଳିବା ପର୍ଯ୍ୟନ୍ତ ଜାହାଜ ରହିବ ବୋଲି ଜଣାପଡ଼ିଛି। ବୈଦେଶିକ ସ୍ତରରେ ଆଲୋଚନା ପରେ ଆପ୍ରବାସନ ନିୟମାନୁସାରେ ନିଷ୍ପତ୍ତି ହେବ ବୋଲି ଜନୈକ ଇମିଗ୍ରେଶନ ଅଧିକାରୀ କହିଛନ୍ତି। ଶୁକ୍ରବାର ସକାଳେ ଜାହାଜ ରଶି ଶିଡି ଛିଣ୍ଡିଯିବାରୁ ଝାଙ୍ଗ ପାଣିରେ ଖସିପଡ଼ିଥିଲେ। ଆଉ ଜଣେ ବାଂଲାଦେଶୀ ନାବିକ ପାଣିକୁ ଡେଇଁ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ମାତ୍ର ସେ ବିଫଳ ହୋଇ ପାଣିରେ ବୁଡ଼ିଗଲାବେଳେ ଅନ୍ୟ ନାବିକମାନେ ରଶି ଜରିଆରେ ତାଙ୍କୁ ଉଦ୍ଧାର କରି ବନ୍ଦର ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏବେ ସେ ସୁସ୍ଥ ଥିବା ଜଣାପଡିଛି। ଅପରପକ୍ଷେ ଝାଙ୍ଗ ନିଖୋଜ ହେବା ପରେ ଏନ୍‌ଡିଆର୍‌ଏଫ, ଓଡ୍ରାଫ, କୋଷ୍ଟଗାର୍ଡ, ସ୍କୁବା ଡାଇଭର ବହୁ ସମୟ ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ହେଁ ତାଙ୍କ ସନ୍ଧାନ ମିଳି ନ ଥିଲା।

## ପ୍ରଶାସନ ପକ୍ଷରୁ ମାଗଣା ଡଙ୍ଗା ବ୍ୟାନର ମାରି ଯାତ୍ରୀଙ୍କଠାରୁ ଟଙ୍କା ଆଦାୟ




- ବିଡିଓ, ପିଇଓଙ୍କ କଥାରେ ରହୁନି ତାଳମେଳ
- କିଏ ମାରିଲା ଡଙ୍ଗାରେ ବ୍ୟାନର

**ଆଳି, ୭।୯ (ବନମାଳୀ ସେନାପତି)**

ଆଳି ଅଞ୍ଚଳରେ ପ୍ରବାହିତ ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଆସିବା ଯୋଗୁ ଆଳି ଧୋୟାଞ୍ଚଳର ମୁଖ୍ୟ ରାସ୍ତା ମାନପୁର ଘୋଷରାରେ ଏବେ ୬ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ସେଠାରେ ଡଙ୍ଗାରେ ସାଧାରଣ ଲୋକମାନେ ପାର ହେଉଛନ୍ତ। ଡଙ୍ଗା ପାର ହେବା ନିମନ୍ତେ ସାଧାରଣ ଲୋକମାନଙ୍କ ନିକଟରୁ ଚାଳକମାନେ ୨ ଶହ ଟଙ୍କା ନେଉଛନ୍ତି। ପ୍ରଶାସନ ପକ୍ଷରୁ ଡଙ୍ଗା ବ୍ୟବସ୍ଥା ହେଉ ନ ଥିବାରୁ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗି ରହିଛି। ୩ ଦିନ ହେବ ୪ର୍ଥ ବନ୍ୟାରେ ଲୋକମାନେ ବେସରକାରୀ ଡଙ୍ଗାରେ ଯାତାୟତ କରୁଥିବାବେଳେ ଶନିବାର ସକାଳୁ ପ୍ରଶାସନ ପକ୍ଷରୁ ଏକ ମାଗଣା ଡଙ୍ଗା ବ୍ୟବସ୍ଥା ହୋଇଥିବା ଦେଖିବାକୁ ମିଳିଥିଲା। ଡଙ୍ଗାରେ ବ୍ଲକ ପ୍ରଶାସନ ପକ୍ଷରୁ ମାଗଣାରେ ଡଙ୍ଗା ଯାତ୍ରାର ଏକ ବ୍ୟାନର ମରା ହୋଇଥିବା ଦେଖି ସାଧାରଣ ଲୋକ ଖୁସି ହୋଇ ଯାଇଥିଲେ। କିନ୍ତୁ ଲୋକମାନେ ଡଙ୍ଗା ପାର ହେବା ପରେ ଚାଳକ ସେମାନଙ୍କ ନିକଟରୁ ଟଙ୍କା ପୂର୍ବପରି ନେଉଥିବା ଅଭିଯୋଗ ଆସିଛି। ଯାତ୍ରୀମାନେ ପ୍ରଶାସନ ପକ୍ଷରୁ ମାଗଣା ସୁବିଧା ଥିବାବେଳେ ଟଙ୍କା କ'ଣ ପାଇଁ ପ୍ରଶ୍ନ କଲା ବେଳେ ସେମାନେ ଶୁଣି ନ ଥିଲେ। ଏହି ଅଭିଯୋଗ ସମ୍ପର୍କରେ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ଡିମିରିପାଳ ପଞ୍ଚାୟତ ପକ୍ଷରୁ ଡଙ୍ଗା ବ୍ୟବସ୍ଥା କରାଯାଇଥିବା ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ତାଙ୍କୁ ସୂଚନା ଦେଇଛନ୍ତି। ଡଙ୍ଗା ଚାଳକ ଟଙ୍କା ନେଉଥିବା ବିଷୟରେ ସେ ଜାଣିନାହାନ୍ତି। ସେ ବୁଝିବେ ବୋଲି କହିଥିଲେ। ଏ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ଖଣ୍ଡାଇଙ୍କୁ ପଚାରିବାରୁ ପଞ୍ଚାୟତ ପକ୍ଷରୁ କୌଣସି ଡଙ୍ଗାର ବ୍ୟବସ୍ଥା ହୋଇନାହିଁ। ବିଡିଓ ତାଙ୍କୁ ଡଙ୍ଗା ପକାଇବାକୁ କହିଥିଲେ ସେ ପକାଇ ଥାନ୍ତେ। ସେ କିନ୍ତୁ କୌଣସି ବ୍ୟବସ୍ଥା କରିନାହାନ୍ତି। ବିଡିଓ ପଞ୍ଚାୟତ ପକ୍ଷରୁ ପିଇଓ ଡଙ୍ଗା ବ୍ୟବସ୍ଥା କରିଥିବା କହୁଥିବା ବେଳେ ପିଇଓ ଡଙ୍ଗା ବ୍ୟବସ୍ଥା କରି ନ ଥିବା କହୁଛନ୍ତି। ତେବେ ବ୍ଲକ ପ୍ରଶାସନ ନାମରେ କିଏ ଏଭଳି ଏକ ବ୍ୟାନର ମାରି ସାଧାରଣଲୋକଙ୍କୁ ମାଗଣାରେ ନେବା ପରିବର୍ତ୍ତେ ଟଙ୍କା ଲୁଟିବା ଯୋଜନା କରିଛି ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଖୁଦୁରୁକୁଣୀ ପୂଜାରେ ୨୦ ମେଢ଼, ଦୁଲୁକୁଛି କେନ୍ଦୋଳ

**ଜଗତ୍‌ସିଂହପୁର, ୭।୯ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ କେନ୍ଦୋଳ ଗ୍ରାମରେ ହେଉଥିବା ଖୁଦୁରୁକୁଣୀ ପୂଜା ଜିଲାରେ ସ୍ୱତନ୍ତ୍ର। କାରଣ ଏହା ୧୦୦ ବର୍ଷର ପରମ୍ପରା। ଏହି ଗାଁରେ ପ୍ରତିବର୍ଷ ପରି ଚଳିତବର୍ଷ ୨୦ଟି ମେଢ଼ ହୋଇଛି। ସେଗୁଡ଼ିକ ମଧ୍ୟରେ ବେହେରା ସାହି, ହାଟ ସାହି, ହାଟ ବଣିଆ ସାହି, ସାହୁ ସାହି, ଥୋରିଆ ସାହି, ଠାକୁର ସାହି, ମାଳୀ ସାହି, ମହାନ୍ତି ସାହି, କୈବର୍ତ୍ତ ସାହି, ନୂଆ ସାହି, ଗୁଡ଼ିଆ ସାହି, ଭଣ୍ଡାରୀ ସାହି, ତେଲି ସାହି, ବେଜ ସାହି ଓ ରୟତ ସାହି ମେଢ ଅନ୍ୟତମ। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ପୂଜା ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ଏହି ପୂଜା ମହା ଆଡମ୍ବରରେ ପାଳନ କରାଯାଉଥିବା ଅନୁଭୂତ ହେଉଛି। ଗତ ଶନିବାର ବିଭିନ୍ନ ପୂଜା ମଣ୍ଡପରେ ମୃଣ୍ମୟୀ ପ୍ରତିମା ସ୍ଥାପନ ପରେ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ତା'ପରେ ରୀତିନୀତି ଅନୁଯାୟୀ ଷୋଡ଼ଶ ଉପଚାର ପୂଜା, ହୋମ ଯଜ୍ଞ ଆଦି କରାଯାଉଛି। ଏହି ପୂଜାକୁ ଆକର୍ଷଣୀୟ କରିବା ପାଇଁ ସୁଉଚ୍ଚ ତୋରଣ ସାଙ୍ଗକୁ ଆଲୋକ ସାଜସଜ୍ଜା ବେଶ୍ ଆକର୍ଷଣୀୟ ହୋଇଛି। ଏଥିସହ ରାତିରେ ବିଭିନ୍ନ ପୂଜା ମଣ୍ଡପଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ନିଆରା ପରିବେଶ ସୃଷ୍ଟି କରୁଛି। ମୋଟାମୋଟି ଭାବେ କହିବାକୁ ଗଲେ କେନ୍ଦୋଳ ଏବେ ଦୁଲୁକୁଛି। ତେବେ ଚଳିତବର୍ଷ ଏହି ପୂଜାରେ ଥାନପତି ଭାବେ ବେହେରା ସାହିକୁ ଦାୟିତ୍ୱ ଦିଆଯାଇଛି। ପୂଜା ସାଙ୍ଗକୁ ମେଳଣ ପଡ଼ିଆରେ ମିନା ବଜାର ଦେଖିବା ପାଇଁ ପ୍ରତେକ ଦିନ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ମଙ୍ଗଳବାର ଭସାଣି ଧୁମ୍‌ଧାମ୍‌ରେ କରାଯିବା ପାଇଁ ପ୍ରସ୍ତୁତି ଚାଲିଛି। ଏହିଦିନ ସମସ୍ତ ମେଢ଼ ମେଳଣ ପଡ଼ିଆରେ ପହଞ୍ଚିଲା ପରେ ପଂକ୍ତି ଭୋଗ ହେବ। ତା'ପରେ ପ୍ରତ୍ୟେକ ମେଢ଼ ଧାଡି କରି ୧୮ ସାହି ପରିକ୍ରମା ପରେ ନୂଆପୋଲ ନିକଟ ଅଳକା ନଦୀରେ ବିସର୍ଜନ ହେବ।

# ମାମଲା ରୁଜୁକରି ପୋଲିସ ଚୁପ୍

## ମହିଳା ସରପଞ୍ଚଙ୍କ ଘରେ ପଶି ସଂଘବଦ୍ଧ ଆକ୍ରମଣ ଘଟଣା

### ଆଇଆଇସିଙ୍କୁ ଭେଟି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କଲା ସରପଞ୍ଚ ସଂଘ

**ରାଜନଗର, ୭।୯ (ଭାସ୍କର ରାଉତରାୟ)**

ରାଜନଗର ଥାନା ଅଞ୍ଚଳରେ ଜଣେ ମହିଳା ସରପଞ୍ଚଙ୍କୁ ତାଙ୍କ ଘରେ ପଶି ଶନିବାର ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ପୋଲିସ ଦଫା ୩୩୧ (୧ ), ୨୯୬ , ୧୧୫ ( ୨ ), ୭୪ , ୭୫ , ୩୦୩ ( ୨ ), ୩୫୧ ( ୨ ), ୩ ( ୫ ) ଓ ଜାତି ନେଇ ଗାଳିଗୁଲଜରେ ୩ ( ୧ )ଆର , ୩ ( ୧ ) ଏସ୍, ୩ ( ୨ ) ଭିଏରେ ନଂ. ୩୦୮ / ୨୫ରେ ମାମଲା ରୁଜୁ ହୋଇଛି। ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୋଗର ୨୪ ଘଣ୍ଟା ପରେ ବି ଅଭିଯୁକ୍ତଙ୍କୁ ଗିରଫ ନ କରିବା ଘଟଣାକୁ ନେଇ ପ୍ରତିକ୍ରିୟା ବଢିବାରେ ଲାଗିଛି। ଏହି ଘଟଣାରେ ରବିବାର କେନ୍ଦ୍ରାପଡା ଜିଲା ସରପଞ୍ଚ ସଂଘର ସଭାନେତ୍ରୀ ଚାମେଲୀ ଓଝା, ରାଜନଗର ସରପଞ୍ଚ ସଂଘର ସଭାପତି ଅଶୋକ କୁମାର ମହାନ୍ତି, ସରପଞ୍ଚ ନିରଞ୍ଜନ ରାଉତ, ବୀଣାପାଣି ପ୍ରଧାନ, ପୁଷ୍ପଲତା ପାତ୍ର, ପ୍ରସନ୍ନ କୁମାର ପରିଡା, ଇତିଶ୍ରୀ ମହାପାତ୍ର, ଚିତ୍ତ ରଞ୍ଜନ ପଣ୍ଡା, ସସ୍ମିତା ମହାନ୍ତି ପ୍ରମୁଖ ରାଜନଗର ଥାନାରେ ପହଞ୍ଚି ଆଇଆଇସିଙ୍କ ସହିତ ଆଲୋଚନା କରିଛନ୍ତି। ତୁରନ୍ତ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଜଣେ ମହିଳା ସରପଞ୍ଚଙ୍କୁ ଘରେ ପଶି ଆକ୍ରମଣ ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ ଏସ୍‌ପିଙ୍କୁ ଜଣାଇଛୁ, ଯଦି ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ ନ କରେ ତେବେ କେନ୍ଦ୍ରାପଡ଼ା ଜିଲାର ୯ ବ୍ଲକର ସରପଞ୍ଚ ଏସ୍‌ପି ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବୁ ବୋଲି କେନ୍ଦ୍ରପଡ଼ା ଜିଲା ସଂଘର ସଭାନେତ୍ରୀ ଓଝା କହିଛନ୍ତି।


ସରପଞ୍ଚ ସଂଘ ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ ଲାଗି ଥାନାରେ ଦାବିପତ୍ର ଦିଆଯାଉଛି।

ରାଜନଗର ବ୍ଲକ ରାଜପୁର ପଞ୍ଚାୟତର ସରପଞ୍ଚ ରାଣୀମଞ୍ଜରି ସେଠୀ ତାଙ୍କ ଶାଶୁଘର ସେହି ପଞ୍ଚାୟତର ଚନ୍ଦନପୁରରେ ଥିଲେ। ସେହି ପଞ୍ଚାୟତର ପୂର୍ବତନ ସରପଞ୍ଚ ନିମାଇଁ ଚରଣ ରାଉତଙ୍କ ସହିତ ସନ୍ତୋଷ ପ୍ରଧାନ, ନରୋତ୍ତମ ଦାସ, କନ୍ଦୁରୀ ରାଉତ, ନିଗମ ରାଉତ, ଜଗବନ୍ଧୁ ରାଉତ, ମଣ୍ଟୁ ଦାସ, ତିଲୋତ୍ତମା ପ୍ରଧାନ, ଦମୟନ୍ତୀ ଦାସ ପ୍ରମୁଖ ପହଞ୍ଚି ତାଙ୍କ ଘରର ବାଡ ଓ କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। ମହିଳା ସରପଞ୍ଚଙ୍କୁ ତାଙ୍କ ଜାତି ନେଇ ଅତି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ନିର୍ମମ ଭାବେ ବିଧା ଗୋଇଠା ମାରିଥିଲେ। ତାଙ୍କୁ ତଳେ ପକାଇ ହାତ ଗୋଡକୁ ଧରି ତାଙ୍କ ଉପରେ ବସି ଜୀବନରୁ ମାରି ଦେବାକୁ ବେକ୍‌କୁ ଜୋରରେ ଚିପିଥିଲେ। ତାଙ୍କ ଚିତ୍କାର ଶୁଣି ସ୍ୱାମୀ ବସନ୍ତ କୁମାର ସେଠୀ ପହଞ୍ଚି ଯିବାରୁ ତାଙ୍କୁ ମଧ ନିର୍ମମ ଭାବେ ମାଡ ମାରିବା ସହ ମହିଳା ସରପଞ୍ଚଙ୍କ ଶାଢୀ ଟାଣି ବାହାର କରି ଦେବା ସହିତ ଅନ୍ୟ ବସ୍ତ୍ରକୁ ଚିରି ଦେବା ଓ ସରପଞ୍ଚଙ୍କ ମଙ୍ଗଳ ସୂତ୍ର, ସୁନା ଚେନ ଓ ଗୋଟିଏ ସୁନା କାନଫୁଲ ଟାଣି ନେଇଥିବା ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଜଗତ୍‌ସିଂହପୁରରେ ମା' ଖୁଦୁରୁକୁଣୀଙ୍କ ଉପାସନା


ବଢ଼େଇ ସାହି


ବେଜ ସାହି


ହାଟ ସାହି


ସାହୁ ସାହି


ତେଲି ସାହି

# ଶାଳପଡ଼ା ପଞ୍ଚାୟତରେ ନକଲି ଭିନ୍ନକ୍ଷମ ହିତାଧିକାରୀ ଚିହ୍ନଟ

ଭାପୁର,୭।୯ ( ପ୍ରଭାତ ବରାଡ)

- ୫୨ରୁ ୪୮ ହାତେଇଥିଲେ ସୁବିଧା
- ଉଚ୍ଚସ୍ତରୀୟ ତଦନ୍ତ ଦାବି

ରାଜ୍ୟରେ ଅନେକସ୍ଥାନରେ ଜାଲ ପ୍ରମାଣପତ୍ରରେ ନିଯୁକ୍ତି ମାମଲା ପ୍ରତିଦିନ ଚର୍ଚ୍ଚାକୁ ଆସୁଛି। ତଦନ୍ତ ପରେ ଧରା ପଡିଲେ କାର୍ଯ୍ୟାନୁଷ୍ଠାନ କିମ୍ବା ସରକାରୀ ଅର୍ଥ ଆତ୍ମସାତ ମାମଲା ରୁଜୁ ହେଉଛି। ହେଲେ ନୟାଗଡ଼ ଜିଲା ଭାପୁର ବ୍ଲକରେ ମଧ୍ୟ ବହୁ ଜାଲ ଡିଗ୍ରୀ ଓ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ କୋଟାରେ ନିଯୁକ୍ତି ପାଇଥିବା ଅଭିଯୋଗ ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ତଦନ୍ତ ପାଇଁ ବିଭାଗୀୟ ଅଧିକାରୀଙ୍କ ଶିଥିଳତା ପାଇଁ ତଦନ୍ତ ହେଉ ନ ଥିବା ଚର୍ଚ୍ଚା ହେଉଛି। ବ୍ଲକରେ ଅନେକ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ଲାଭ କରି ବେକାର ହୋଇ ଘରେ ଚିନ୍ତାଗ୍ରସ୍ତ ହୋଇ ବସି ରହିଥିବା ବେଳେ ଜାଲ ଡିଗ୍ରୀ ପ୍ରମାଣପତ୍ର ଓ ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ସହ କେତେଜଣ ଅସାଧୁ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ନିଯୁକ୍ତି ପାଇଛନ୍ତି। ବ୍ଲକରେ କେତେଜଣ ଦଲାଲର ଭିନ୍ନକ୍ଷମ ପ୍ରମାଣପତ୍ର ଦେବାପାଇଁ ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଦେଉଥିବା ଚର୍ଚ୍ଚା ହେଉଛି। ଅର୍ଥ ଲୋଭରେ ଅଧିକାରୀମାନେ ନିଜର ମାନବିକତାକୁ ଭୁଲି ଯାଉଛନ୍ତି। ସାମାନ୍ୟ କିଛି ଟଙ୍କା ନେଇ ସୁସ୍ଥ ସବଳ ବ୍ୟକ୍ତିଙ୍କୁ ଭିନ୍ନକ୍ଷମ ସଜାଇବାକୁ ପଛାଉ ନାହାନ୍ତି। ଆଖିକୁ ଦେଖା ଯାଉଥିବା ବ୍ୟକ୍ତିଙ୍କୁ ଅନ୍ଧ, କାନକୁ ଶୁଭୁଥିବା କିଏ କାଲା ସାଜିଛି ତ କିଏ ସୁସ୍ଥ ସବଳ ଥାଇ ଭିନ୍ନକ୍ଷମ ସାଜିଛନ୍ତି। ବହୁ ଅଯୋଗ୍ୟ ହିତାଧୀକାରୀ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଭଳି ଭିନ୍ନକ୍ଷମ ସାର୍ଟିଫିକେଟ ହାତେଇ ସରକାରୀ ଯୋଜନାକୁ ଫାଇଦା ନେଉଛନ୍ତି। ଅନେକ ଯୋଗ୍ୟ ହିତାଧିକାରୀ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏ ନେଇ ବ୍ଲକର ଜନସାଧାରଣ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କି ସୁଫଳ ମିଳୁନାହିଁ।

ଏ ସଂକ୍ରାନ୍ତରେ ଭାପୁର ବ୍ଲକ ଅନ୍ତର୍ଗତ ଶାଳପଡା ପଞ୍ଚାୟତରେ କେତେଜଣ ବ୍ୟକ୍ତି ତାଙ୍କର ପଞ୍ଚାୟତରେ ଶତାଧିକ ନକଲି ଭିନ୍ନକ୍ଷମ ସାର୍ଟିଫିକେଟ ହାତେଇ ଭତ୍ତା ସହ ବିଭିନ୍ନ ସରକାରୀ ଯୋଜନା ହାତେଇଥିବା ନେଇ ଅଭିଯୋଗ କରିଥିଲେ। ପରେ ଜିଲା ପ୍ରଶାସନର ନିର୍ଦ୍ଦେଶ ପରେ ପଞ୍ଚାୟତର ୫୨ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କ ଭତ୍ତା ଟଙ୍କା ବନ୍ଦ କରାଯାଇଥିଲା। ଏଥିସହ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ବେହେରା ସେମାନଙ୍କ ପ୍ରମାଣପତ୍ର ଓ ଆଧାର କାର୍ଡଗୁଡ଼ିକୁ ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟଙ୍କ ନିକଟକୁ ଯାଞ୍ଚ ପାଇଁ ପଠାଇ ଦେଇଥିଲେ। ଚିଠି ନଂ. ୩୯୩୩/୨୧୮ରେ ଯାଞ୍ଚ ପରେ ୫୨ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କ ମଧ୍ୟରୁ ୪ ଜଣ ତଥା ସବିତା ପ୍ରଧାନ, ସୌରଭ ପଣ୍ଡା, ଯମୁନା ପଣ୍ଡା ଓ ଆଶାମଣୀ ପଣ୍ଡା ଭିନ୍ନକ୍ଷମ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪୮ ଜଣ ନକଲି ପ୍ରମାଣପତ୍ର ହାତେଇଥିଲେ। ୪୮ ଜଣ ଭିନ୍ନକ୍ଷମ ପ୍ରମାଣପତ୍ର ପାଇ ମାସିକ ୩୫୦୦ ଟଙ୍କା ହାତେଇ ଥିବା ଜଣାପଡିଛି। ଜିଲା ସାମାଜିକ ମଙ୍ଗଳ ସୁରକ୍ଷା ଅଧିକାରୀ ୧୯ ଜଣ ଭିନ୍ନକ୍ଷମଙ୍କ ସାର୍ଟିଫିକେଟ ପୁନଃ ଯାଞ୍ଚ ପାଇଁ ପଠାଇଥିବା ବେଳେ ୨୯ ଜଣ ନକଲି ବୋଲି ଜଣାପଡିଛି। ଏହି ଜାଲ ପ୍ରମାଣପତ୍ର ପ୍ରଦାନରେ ଏକ ବଡ଼ ରାକେଟ କାର୍ଯ୍ୟ କରୁଥିବା ଜଣାପଡିଛି।

ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ବେହେରାଙ୍କୁ ପଚାରିବାରେ ନକଲି ଭିନ୍ନକ୍ଷମ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କାହା ନାମରେ ସେମିତି ଅଭିଯୋଗ ହେଉ ନ ଥିଲା। ଭାପୁର ବ୍ଲକରେ ଏଭଳି ଅଯୋଗ୍ୟ ହିତାଧୀକାରୀ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭିନ୍ନକ୍ଷମ ସାର୍ଟିଫିକେଟ ହାତେଇ ଭତ୍ତା, ରାଶନ୍, ଆବାସ, ବସ୍, ଟ୍ରେନ ପାସ୍ ସୁବିଧା ହାତେଇ ଚାଲିଛନ୍ତି। ଏଥିପାଇଁ ବ୍ଲକରେ କେତେଜଣ ଦଲାଲ ରାକେଟ କାମ କରୁଥିବା ନେଇ ଛକ ବଜାରରେ ଚର୍ଚ୍ଚା ହେଉଛି। ସାର୍ଟିଫିକେଟଗୁଡ଼ିକୁ ଥରେ ନିୟମିତ କରି ଦିଆଯିବା ପରେ ପରବର୍ତ୍ତୀ ସମୟରେ ସେ ସବୁର ଆଉ ଯାଞ୍ଚ ଆବଶ୍ୟକ ପଡୁନାହିଁ। ତେବେ ବ୍ଲକରେ ସମସ୍ତ ଭିନ୍ନକ୍ଷମ ପ୍ରମାଣପତ୍ରର ବିଧିବଦ୍ଧ ଯାଞ୍ଚ କରାଗଲେ ଅନେକ ଅଯୋଗ୍ୟ ହିତାଧୀକାରୀ ସାମ୍ନାକୁ ଆସିବେ। ଏଥିସହ ଯୋଗ୍ୟ ହିତାଧିକାରୀ ଏସବୁ ସୁବିଧା ପାଇପାରିବେ ବୋଲି ଦାବି ହେଉଛି। ଏ ନେଇ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ସାହୁ କହିଛନ୍ତି, ଯଦି ଗୋଟିଏ ପଞ୍ଚାୟତରେ ୫୨ ଜଣଙ୍କ ମଧ୍ୟରୁ ୪୮ ଜଣ ନକଲି ଭିନ୍ନକ୍ଷମ ପ୍ରମାଣପତ୍ର ହାତେଇ ସରକାରୀ ସୁବିଧା ପାଇବା ସହିତ ଭତ୍ତା ହାତେଇ ଥିଲେ, ତାହା ହେଲେ ବ୍ଲକରେ କେତେ ନକଲି ଭିନ୍ନକ୍ଷମ ହିତାଧିକାରୀ ରହିଥିବେ। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଉଚିତ ବୋଲି ସେ କହିଛନ୍ତି।

## ମହାବିଦ୍ୟାଳୟରେ ଚାରାରୋପଣ ଶିବିର



ଶିବିରରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଗଣିଆ, ୭।୯ (ସନ୍ତୋଷ କୁମାର ପ୍ରଧାନ)

ଜାତୀୟ ସେବା ଯୋଜନା, ଉତ୍କଳ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଅନୁକୂଲ୍ୟରେ ଗଣିଆ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟ ପରିସରରେ ୭ଦିନିଆ ସ୍ୱତନ୍ତ୍ର ବୃକ୍ଷରୋପଣ ଶିବିର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଦୂଷଣ ମୁକ୍ତ ସବୁଜ ପରିବେଶ ସୃଷ୍ଟି କରିବାକୁ ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ, ବ୍ୟାନର ଧରି ଗଣିଆ ବଜାର ପରିକ୍ରମା କରି ଜନ ସଚେତନତା ସୃଷ୍ଟି କରିଥିଲେ। ଏଥିସହ ଦୈନନ୍ଦିନ ଘଟୁଥିବା ସଡ଼କ ଦୁର୍ଘଟଣା ରୋକିବାକୁ ସଡ଼କ ସୁରକ୍ଷା ସଚେତନତା କରିଥିଲେ। ରାସ୍ତାରେ ଯାତାୟାତ କରୁଥିବା ଗାଡ଼ି ଚାଳକମାନଙ୍କୁ ହେଲମେଣ୍ଟ ପିନ୍ଧିବା ଓ ସିଟବେଲ୍ଟ ବ୍ୟବହାର କରିବା ପାଇଁ ଅନୁରୋଧ କରିଥିଲେ। ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରରେ ଗଣିଆ ଥାନା ସବ୍‌ଇନ୍ସପେକ୍ଟର ଶ୍ୟାମ ସୁନ୍ଦର ପ୍ରଧାନଙ୍କ ସମେତ ଅନ୍ୟ କର୍ମଚାରୀ ଯୋଗଦେଇଥିଲେ। ଅପରାହ୍ନରେ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ଛାତ୍ରୀଛାତ୍ରମାନଙ୍କୁ ସଡ଼କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଆୟୋଜିତ ଶିବିରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ପଣ୍ଡା, ପ୍ରୋଗ୍ରାମ ଅଫିସର ଶର୍ମିଳା ଦାସ ଓ ଭଗବାନ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଆମ୍ବ, ପଣସ, ଅଁଳା, ପିଜୁଳି ଓ ବାଉଁଶ ଆଦି ୨୫୦ଟି ଚାରା ରୋପଣ କରାଯିବ ବୋଲି ଅଧକ୍ଷ ପଣ୍ଡା ସୂଚନା ଦେଇଛନ୍ତି।

## ଶରଣକୁଳରେ ଖୋଲିବ ନୂତନ ଶିଳ୍ପ ତାଲିମ ଅନୁଷ୍ଠାନ

ଶରଣକୁଳ, ୭।୯ (ଦୀପକ କର)

ଶରଣକୁଳରେ ଏକ ନୂତନ ଶିଳ୍ପ ତାଲିମ ଅନୁଷ୍ଠାନ ଖୋଲାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଏକ ଚିଠି ପ୍ରକାଶ ପାଇଛି। ଦୀଘଦିନ ଧରି ଶରଣକୁଳରେ ଶିଳ୍ପ ତାଲିମ ଅନୁଷ୍ଠାନ ଖୋଲିବାକୁ ଦାବି ହୋଇ ଆସୁଥିଲା। ଛାତ୍ରୀଛାତ୍ର ଆଇଟିଆଇ ପାଠ ପଢ଼ିବା ପାଇଁ ବାହାରକୁ ଯାଉଥିଲେ। ଏବେ ସେ ସମସ୍ୟା ଦୂର ହେବାକୁ ଯାଉଛି। ଜିଲାର ଛାତ୍ରୀଛାତ୍ର ଆଇଟିଆଇ ପଢିବାର ସୁଯୋଗ ହାତ ପାଆନ୍ତାରେ ପାଇବେ। ରାଜ୍ୟ ସରକାରଙ୍କ ସ୍କିଲ ଡେଭଲପମେଣ୍ଟ ଆଣ୍ଡ ଟେକନିକାଲ ଏଜୁକେଶନ ଡିପାର୍ଟମେଣ୍ଟ ଚିଠି ନଂ. ଏସଡ଼ିଟିଇ-ଆଇଟିଆଇ-ଲିଗାଲ-୦୦୨୮-୨୦୨୪-୪୯୫୭ ଅନୁଯାୟୀ ପ୍ରକାଶ ପାଇଛି। ଏହି ତାଲିକାରେ ୮ଟି ଜିଲାରେ ୮ଟି ନୂତନ ଆଇଟିଆଇ ତାଲିମ ଅନୁଷ୍ଠାନ ଖୋଲିବ ବୋଲି ଜଣାପଡ଼ିଛି। ସେଥିମଧ୍ୟରୁ ଶରଣକୁଳରେ ଖୋଲିବାକୁ ଥିବା ନୂତନ ଆଇଟିଆଇ ତାଲିମ ଅନୁଷ୍ଠାନରେ ୨୧୨ଜଣ ଛାତ୍ରୀଛାତ୍ର ଏକକାଳୀନ ପାଠ ପଢିବାର ସୁଯୋଗ ପାଇବେ। ନୂତନ ଆଇଟିଆଇ ଖୋଲିବା ଚିଠି ପ୍ରକାଶ ପାଇବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଅଞ୍ଚଳବାସୀ ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଏବଂ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀଙ୍କୁ କୃତଜ୍ଞତା ପ୍ରଦାନ କରିବା ସହିତ ତାଙ୍କ ଚେଷ୍ଟା ପାଇଁ ଏହା ସମ୍ଭବ ହୋଇଥିବା କହିଛନ୍ତି।

## ଗୁରୁ ଅଲେଖ ବେହେରାଙ୍କୁ ସମ୍ବର୍ଦ୍ଧନା



ବିଧାୟକ ଅରୁଣ କୁମାର ସାହୁ ଓ ଅନ୍ୟମାନେ ଗୁରୁ ଅଲେଖ ବେହେରାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ନୟାଗଡ଼, ୭।୯ (ଲୋକନାଥ ମିଶ୍ର)

ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ ସଭାକକ୍ଷରେ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷକ ଆନ୍ଦୋଳନର ପ୍ରମୁଖ ନେତା ଅଲେଖ ବେହେରାଙ୍କୁ ରବିବାର ସମ୍ବର୍ଦ୍ଧନା ଦିଆଯାଇଛି। ପୁରାତନ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏହି ଗୁରୁ ପୂଜନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବର୍ତ୍ତମାନ ଶିକ୍ଷକ ଲିଙ୍ଗରାଜ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ପୁରାତନ ଛାତ୍ର ବିଶ୍ୱନାଥ ମହାପାତ୍ର ପରିଚାଳନା କରିଥିଲେ। ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ କହିଛନ୍ତି, ପ୍ରଥା ଓ ପରମ୍ପରା ଲୋପ ପାଇ ଆସୁଛି। ଆଗ ଭଳି ଗୁରୁ ଓ ଶିଷ୍ୟ ସମ୍ପର୍କ ନାହିଁ। ସମାଜ ଧ୍ୱଂସ ହୋଇ ଚାଲିଛି। ଏଭଳି ସମୟରେ ଗୁରୁ ପୂଜନ ଉତ୍ସବ ଆୟୋଜନ ଏକ ଭଲ ବାର୍ତ୍ତା ଦେଇଛି। ଶିକ୍ଷକ ଅଲେଖ ବେହେରାଙ୍କ ଜୀବନୀ ଉପରେ ସେ ଆଲୋକପାତ କରିଛନ୍ତି। ଦଶପଲ୍ଲାର ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଗୁରୁ ଶିଷ୍ୟ ସମ୍ପର୍କର ପବିତ୍ରତା, ଗୁରୁ ପୂଜନର ମହନୀୟ ପରମ୍ପରା ଓ ଶିକ୍ଷକ ଅଲେଖ ବେହେରାଙ୍କ ଶୈକ୍ଷିକ ଅବଦାନ ଉପରେ ଆଲୋକପାତ କରି ଏଭଳି ମୂଲ୍ୟବୋଧ ଭିତ୍ତିକ କାର୍ଯ୍ୟକ୍ରମ ସମାଜକୁ ଦିଗଦର୍ଶନ ଦେବାରେ ମାଇଲଖୁଣ୍ଟ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ବିଶିଷ୍ଟ ସାହିତ୍ୟିକ ପ୍ରେମାନନ୍ଦ ମହାପାତ୍ର, ଅଧ୍ୟାପିକା କନକଲତା ମହାପାତ୍ର, ପଣ୍ଡିତ ଗୌରାଙ୍ଗ ରଥ, ଶଙ୍କର୍ଷଣ କର, ଏସ୍‌ଏ ଖାଲିକ୍, ଡ. ଭଗବାନ ଦାଶ ପ୍ରମୁଖ ଗୁରୁଜୀଙ୍କ ନିଷ୍ଠାପର ଶିକ୍ଷାଦାନ ଉପରେ ଆଲୋକପାତ କରିଛନ୍ତି।

ଗୁରୁଜୀ ଅଲେଖ ବେହେରା ଭାବବିହ୍ୱଳ ଭାଷାରେ ଗୁରୁ ପୂଜନର ଉତ୍ତରରେ ସମସ୍ତଙ୍କ ମଙ୍ଗଳ କାମନା କରି ଆଶୀର୍ବଚନ ରଖିଥିଲେ। ଅନ୍ୟତମ ଅତିଥି ବ୍ରଜେନ୍ଦ୍ର ହାଇସ୍କୁଲର ପ୍ରଧାନଶିକ୍ଷକ ଉମାକାନ୍ତ ସେଠୀ ଗୁରୁ ପୂଜନ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟାପିକା ନୀଳିମା ନନ୍ଦ ଗୁରୁବନ୍ଦନା ପାଠ କରିଥିବାବେଳେ ପୁରାତନ ଛାତ୍ର ତଥା ବିଶିଷ୍ଟ କଳାକାର ପ୍ରଫୁଲ୍ଲ କୁମାର ଲେଙ୍କା ସ୍ୱତନ୍ତ୍ର ଭାବେ ଗୁରୁ ବନ୍ଦନା କରିଥିଲେ। ପ୍ରକାଶ ଯେ, ନୂଆଗାଁ ବ୍ଲକ ମାଳୀସାହିରେ ଅଲେଖ ବେହେରାଙ୍କର ଘର। ସେ ମାଳୀସାହି ମଧ୍ୟ ଇଂରାଜୀ ବିଦ୍ୟାଳୟରେ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଶିକ୍ଷକତା କରି ନିଜକୁ ଜଣେ ଆଦର୍ଶ ଶିକ୍ଷକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

## ନୂଆଗାଁରେ କଂଗ୍ରେସର ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ

ନୟାଗଡ଼/ନୂଆଗାଁ, ୭।୯ (ଲୋକନାଥ ମିଶ୍ର/ ଧନେଶ୍ୱର ସାହୁ)

ନୂଆଗାଁସ୍ଥିତ ଡାକବଙ୍ଗଳାରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଗଣିଆ ଓ ନୂଆଗାଁ ପାଇଁ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲା କଂଗେଗ୍ରସ କମିଟି ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପର୍ଯ୍ୟବେକ୍ଷକ ସଂଗ୍ରାମ ମହାନ୍ତି ଯୋଗଦେଇ ସଂଗଠନ ସୃଜନ ଅଭିଯାନର କାର୍ଯ୍ୟଶୈଳୀ ଉପରେ ଟିପ୍ପଣୀ ଦେଇଥିଲେ। ଗଣିଆ ଓ ନୂଆଗାଁର ମିଡିଆ, ଓକିଲ, ବଣିକ ସଂଘ, ଶ୍ରମିକ ସଂଗଠନ, ଗଣସଂଗଠନର କାର୍ଯ୍ୟକର୍ତ୍ତାମାନଙ୍କୁ ଭେଟି ସେମାନଙ୍କ ମତାମତ ସଂଗ୍ରହ କରାଯାଇଛି। ବୈଠକରେ ପୂର୍ବତନ ଜିଲା ସଭାପତି ରଣଜିତ ଦାସ, ସରୋଜ ପରିଡ଼ା, ବରିଷ୍ଠ ନେତା ହୁସେନ ଖାନ, ମନୋଜ ସାହୁ, ବିଭୁ ପ୍ରସାଦ ମିଶ୍ର, ଶିବରଞ୍ଜନ ସାହୁ, ସୁକାନ୍ତ ଶତପଥୀ, ଧୀରେନ ଦାଶ, କାଶୀନାଥ ନାୟକ, ସଞ୍ଜୟ କୁମାର ଆଚାର୍ଯ୍ୟ, ସୁଶାନ୍ତ ଚମ୍ପତି, ଲଡ୍ଡୁକିଶୋର ଷଡ଼ଙ୍ଗୀ, ହାଲିମ ଖାନ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ପ୍ରହ୍ଲାଦ ବେହେରା ପ୍ରମୁଖ ଶତାଧିକ କଂଗ୍ରେସ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଦଳର ନୂଆଗାଁ ବ୍ଲକ ସଭାପତି ଅଶୋକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ସୃଜନ କାର୍ଯ୍ୟକ୍ରମରେ ନେତାଙ୍କ ଗହଣରେ କର୍ମୀମାନେ।

## ଦଶପଲ୍ଲାରେ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ



ସୃଜନ କାର୍ଯ୍ୟକ୍ରମରେ ଯୋଗଦେଇଥିବା କଂଗ୍ରେସ ନେତୃମଣ୍ଡଳୀ ଓ ଅନ୍ୟମାନେ।

ଦଶପଲ୍ଲା, ୭।୯ (ପ୍ରକାଶ କୁମାର ପାଣି)

ଦଶପଲ୍ଲାରେ ରବିବାର ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାଗଡ ଜିଲା କଂଗ୍ରେସ କମିଟି ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଦଶପଲ୍ଲା ବ୍ଲକ ଓ ଏନ୍‌ଏସି ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ ପର୍ଯ୍ୟବେକ୍ଷକ ସଂଗ୍ରାମ ମହାନ୍ତି ଯୋଗଦେଇ ସଂଗଠନ ସୃଜନ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ରଞ୍ଜିତ ଦାସ, ସରୋଜ ପରିଡ଼ା, ବରିଷ୍ଠ ନେତା ହୁସେନ ଖାନ, ମନୋଜ ସାହୁ, ବିଭୁ ପ୍ରସାଦ ମିଶ୍ର, ଶିବରଞ୍ଜନ ସାହୁ, ରାଜୀବ ମିଶ୍ର, ପ୍ରସନ୍ନ ପଣ୍ଡା, ନାରାୟଣ ସାହୁ, ବେଣୁଧର ନାୟକ, ବିନୋଦ ବିହାରୀ ମିଶ୍ର, ଉମାରାଣୀ ପାଣି, ଉପେନ୍ଦ୍ର ବେହେରା, ନକୁଳ ପାତ୍ର, କିଶୋର ଚନ୍ଦ୍ର ପଣ୍ଡା, ସୁଶାନ୍ତ ସାହୁ, ରମେଶ ଚନ୍ଦ୍ର ପରିଡ଼ା, ଶ୍ରୀକାନ୍ତ ଗୁରୁଙ୍କ ସମେତ ବହୁ କଂଗ୍ରେସ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଦଶପଲ୍ଲା ବ୍ଲକ ସଭାପତି ବୁଲୁ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ମରଣଯନ୍ତା ପାଲଟିଛି ଖଣ୍ଡପଡ଼ା-ବନମାଳୀପୁର ରାସ୍ତା

ଖଣ୍ଡପଡ଼ା, ୭।୯ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ଉପକାରାଗାର ପାର୍ଶ୍ୱ ଦେଇ ନିକଟସ୍ଥ ବନମାଳୀପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ମରଣଯନ୍ତା ପାଲଟିଛି। ଏହି ଅଣ ଓସାରିଆ ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇ ରହିଥିବାରୁ ସାମାନ୍ୟ ବର୍ଷା ହେଲେ ପାଣି ଜମି ରହୁଛି। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତାର କୁସୁମୀ ସେତୁ ଉପରେ ଦୀଘଦିନ ହେଲା ଏକ ବଡ ଖାଲ ସୃଷ୍ଟି ହୋଇଛି। ଉକ୍ତସ୍ଥାନରେ ପାଣି ଜମି ରହୁଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ବିଶେଷ କରି ବାଇକ୍ ଚାଳକମାନେ ଯାତାୟାତ କଲାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ଉନ୍ନତୀକରଣ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବିଦ୍ୟାଳୟରେ ଯୋଗଶିକ୍ଷା


ଯୋଗଶିକ୍ଷା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ନୂଆଗାଁ, ୭।୯(ଧନେଶ୍ୱର ସାହୁ)

ନୂଆଗାଁ ବ୍ଲକ ଶିକ୍ଷା ବିଭାଗ ଅଧୀନ ଦୁର୍ଦ୍ଦୁରା ପଞ୍ଚାୟତ ଶ୍ରୀବନ୍ତଦେଇପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଯୋଗଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁର୍ଦ୍ଦୁରା କ୍ଲଷ୍ଟରର ସିଆରସିସି ଶ୍ରୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ତଥା ସମ୍ପଡ଼ା ଚିନ୍ତାମଣି ବିଦ୍ୟାପୀଠ ଯୋଗ ଶିକ୍ଷକ ପରମାନନ୍ଦ ପରିଡା ଯୋଗ ଓ ପ୍ରାଣାୟମର ବର୍ତ୍ତମାନ ସମୟରେ ଆବଶ୍ୟକତା ଏବଂ ସୁସ୍ଥ ରହିବାକୁ ସୂଚନା ଦେଇଥିଲେ। ତାଡାସନ, ତୀର୍ଯ୍ୟକତାଡାସନ, ଧ୍ରୁବାସନ, ଗରୁଡାସନ, ମଣ୍ଡୁକାସନ, ଶଶଙ୍କାସନ, ପଶ୍ଚିମୋତାସନ, କୁକୁଟାସନ, ଭୁଜଙ୍ଗାସନ, ସଲଭାସନ, ଶୀର୍ଷାସନ, କପାଳଭାତି, ଅନୁଲୋମବିଲୋମ, ଅଗ୍ନିସାର ଭ୍ରାମରୀ, ସିଂହାସନ, ହଂସାସନ ଆଦି କରିବାର ଶୈଳୀ ଏବଂ ରୋଗ ପାଇଁ ଯୋଗର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀବନ୍ତଦେଇପୁର ଏବଂ କରଡାପଲ୍ଲୀ ବିଦ୍ୟାଳୟର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଦୁର୍ଯ୍ୟୋଧନ ସାହୁ, ସୁବାସ ଚନ୍ଦ୍ର ଦୁଆରୀ, ବଳିଆର କହଁର, ଶୁଭେନ୍ଦୁ ଶେଖର ମହାପାତ୍ର, ସୁବାସ ସାହୁ, ରଶ୍ମିତା ଘଡେଇ, ମମତା ଜାନୀ ପ୍ରମୁଖ ଯୋଗ ଶିକ୍ଷା କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ପ୍ରାସଙ୍ଗିକତା ହରାଉଛି ପ୍ରାଚୀନ ଭାଗବତ ସଂସ୍କୃତି

ଖଣ୍ଡପଡା,୭।୯ (ଅଜୟ କୁମାର ମହାରଣା)

ଓଡ଼ିଆ ଜାତିର ଜୀବନଧାରାରେ ଭାଗବତ ଅଙ୍ଗାଅଙ୍ଗି ଭାବରେ ଜଡିତ ହୋଇ ରହିଥିବା ବେଳେ ଏବେ ଏହି ପ୍ରାଚୀନ ସଂସ୍କୃତି ଏହାର ପ୍ରାସଙ୍ଗିକତା ହରାଇ ବସୁଛି। ଅନ୍ତିମ ଶଯ୍ୟା ନିକଟରେ ଏହି ପ୍ରାଚୀନ ସଂସ୍କୃତି ଭାଗବତ ବୋଲା ଯିବାର ଭାବନା ଓ ବିଶ୍ୱାସ ଆଜି ଯାଏ ଅତୁଟ ରହିଛି। ବିଶେଷ କରି ଲୋକମାନଙ୍କ ଶୁଦ୍ଧିକ୍ରିୟା ପରେ ଏବଂ ଏବେବି ପିଲାମାନଙ୍କ ଏକୋଇଶା କିମ୍ବା ଜନ୍ମ ଦିନରେ ଦୁଆରେ ଭାଗବତ ବୋଲିବାର ନଜିର ରହିଛି। ଓଡ଼ିଆ ଭାଗବତ ଓଡ଼ିଆ ଭାଷାର ଚିରନ୍ତନ ଅମୂଲ୍ୟ ବିଭବ। ଅତୀତରେ ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗି(ଘର) ରହିଥିଲା। ଏବେବି ଅନେକ ପଲ୍ଲୀ ତଥା ଗାଁରେ ଏହି ଭାଗବତ ଘର ରହିଥିବା ବେଳେ ସେଠାରେ ଭାଗବତ ପୋଥି, ଭାଗବତ ପୁସ୍ତକ ପ୍ରତିଦିନ ପୂଜା ପାଉଛି। ଏବେ ବି ସନ୍ଧ୍ୟା ନଇଁଲେ ଲୋକେ ପ୍ରତିଦିନର କାର୍ଯ୍ୟ ସମ୍ପାଦନ କରି ଏକାଠି ହୋଇ ଭାଗବତ ବୋଲିବାର ନଜିର ରହିଛି। ଏହି ଗ୍ରାମ ସଂସ୍କୃତି ଦ୍ୱାରା ଭାଇଚାରା ସମ୍ପର୍କ ବୃଦ୍ଧି ପାଇବାର ଏକ ମାଧ୍ୟମ ଥିଲା। ଭାଦ୍ରବ ମାସ ପୂର୍ଣ୍ଣମୀକୁ ଭାଗବତ ଜନ୍ମଦିନ ଭାବରେ ପାଳନ କରାଯାଉଛି। ରବିବାର ହେଉଛି ଭାଗବତଙ୍କ ଜନ୍ମଦିନ। ଏହି ଦିନରେ ଜଗନ୍ନାଥ ଦାସ ଭାଗବତ ଲେଖିବା ଆରମ୍ଭ କରିଥିବା କଥିତ ଅଛି। ଓଡ଼ିଆ ଭାଷାକୁ ପ୍ରତିଷ୍ଠିତ ଓ ପ୍ରସାରିତ କରିବା ଦିଗରେ ଏବଂ ଓଡ଼ିଆମାନଙ୍କର ଭାଗବତ ସଂହତି ରକ୍ଷା କରିବା ଦିଗରେ ଏହାର ଅବଦାନ ଅସୀମ ବୋଲି ସାଧାରଣରେ ବେଶ ଜଣାଶୁଣା।


ଭାଗବତ ଜନ୍ମ ଲାଗି ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ ଚାଲିଛି।

ଏହି ପ୍ରାଚୀନ ଲୋକକଳା ସଂସ୍କୃତି ଭାଗବତ କାଳକ୍ରମେ ଆଧୁନିକତାର ଛାପରେ ହଜି ଯିବାକୁ ବସିଛି। ସମାଜରେ ଏବେ ଭାଇଚାରା ମନୋଭାବ ଲୋପପାଇବା ଫଳରେ ଏହି ମହାନ୍ ସଂସ୍କୃତି ଅବକ୍ଷୟ ଘଟୁଛି। ପୁଣି ଗ୍ରାମାଞ୍ଚଳର ଅଧିକାଂଶ ଯୁବକ ପରିବାର ପ୍ରତିପୋଷଣ ଲକ୍ଷ୍ୟରେ ସହରାଭିମୁଖୀ ହେବା ଯୋଗୁ ଏଭଳି ପୁରାତନ ସଂସ୍କୃତିକୁ ଭୁଲିଯିବାକୁ ବାଧ୍ୟ ହେଉଛି। ତେବେ ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅନ୍ତର୍ଗତ କଣ୍ଟିଲୋ, ବାଣପୁର, ସିଧାମୂଳା, ବେଣାଗାଡିଆ, ଚଇତନ୍ୟପୁର, ଗୋପୀନାଥପୁର, ମର୍ଦ୍ଦରାଜପୁର, ଖଳିସାହି, ଜଗନ୍ନାଥପ୍ରସାଦ, ଶାଳଝରିଆ, ଲକ୍ଷ୍ମୀପ୍ରସାଦ, ଧାନଚେଙ୍ଗଡା, ପଥରଚକଡା, ମାଧପୁର ବିଜିପୁର, ମାଳିବେରେଣୀ, ଗୋଳାପୋଖରୀ ଗାଁରେ ଅନେକ ଯୁବକ ଓ କେତେଜଣ ପୁରୁଣା କାଳିଆ ଲୋକେ ଏହି ସଂସ୍କୃତିକୁ ପୁନରୁଦ୍ଧାର କରିବାକୁ ପ୍ରୟାସ ଜାରି ରଖିଛନ୍ତି। ପ୍ରାୟ ସବୁ ଗ୍ରାମରେ ଏବେ ମହିଳାମାନେ ମହିଳା ସଂକୀର୍ତ୍ତନ ତଥା ଭାଗବତ ମଣ୍ଡଳୀ ଗଠନ କରି ଏହି କଳା ସଂସ୍କୃତିକୁ ଉଜ୍ଜିବୀତ କରୁଥିବା ପରିଲକ୍ଷିତ ହେଉଛି। ସନ୍ଧ୍ୟା ନଇଁ ଆସିଲେ ସମ୍ପୃକ୍ତ ଗୋଷ୍ଠୀମାନେ ଏକତ୍ରୀତ ହୋଇ ଭାଗବତ ପଠନ ସହ ସଂକୀର୍ତ୍ତନ ଅଭ୍ୟାସ କରୁଛନ୍ତି। ସାରା ଦିନର କର୍ମ ଜାଳର କ୍ଲାନ୍ତି ମେଣ୍ଟାଇବାକୁ ଯାଇ କିଛି ସମୟ ନିଜକୁ ଏଥିରେ ହଜାଇଦେଇଥାନ୍ତି। ଏବେ ଆଉ ଗାଁ ଗଣ୍ଡାରେ ଭାଗବତ ଟୁଙ୍ଗି ଦେଖିବାକୁ ମିଳୁନି। ସେହି ସ୍ଥାନରେ ଗଢି ଉଠିଛି ବିଭିନ୍ନ କ୍ଲବ ଓ କୋଠଘର। ଏହି ଭାଗବତ ପଠନ ଶୈଳୀରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏହି ଭାଗବତ ପଠନ ମଧ୍ୟରେ ଆଧୁନିକ ଭଜନ ସଙ୍ଗୀତ ଗାନ କରାଯାଉଛି। ନୂତନ ଶୈଳୀରେ ଭାଗବତ ପୋଥି ପଠନ ମାଧ୍ୟମରେ ଅନ୍ୟାନ୍ୟ ଭକ୍ତି ରାସାତ୍ମକ ଗୀତ ବୋଲା ଯାଉଥିବାରୁ ତାହା ଶ୍ରୋତାମାନଙ୍କୁ ଆକୃଷ୍ଟ କରୁଛି। ଏହି ପୋଥି ପଠନରେ ଗୀତର ଗୋଟିଏ ପଦକୁ ବିଭିନ୍ନ ସ୍ୱର ଓ ଶୈଳୀରେ ଅନ୍ୟ ଜଣେ ଗାୟକ ବୋଲୁଥିବା ବେଳେ ସମ୍ପୃକ୍ତ ଗୋଷ୍ଠୀରେ ଥିବା ଅନ୍ୟମାନେ ପାଳିଆଙ୍କ ମୃଦଙ୍ଗ ଏବଂ ଗିନି ମାଡରେ ଶ୍ରୋତାଙ୍କ ମନରେ ଆଣି ଦେଇଥାଏ ଅପୂର୍ବ ଶିହରଣ। ଆଜିର ଏହି ପବିତ୍ର ଦିନରେ କଣ୍ଟିଲୋ ନୀଳମାଧବ ପୀଠ, ସିଧାମୂଳା ଗୋକୁଳାନନ୍ଦ ପୀଠ, ଖଣ୍ଡପଡ଼ା, ଖଳିସାହି, ବେଣାଗାଡିଆ ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ଭାଗବତ ଅନୁଷ୍ଠାନରେ ଭାଗବତ ଜନ୍ମ ପାଳିତ ହୋଇଛି। କଣ୍ଟିଲୋ ଅଞ୍ଚଳରେ ଗଠିତ ଶ୍ରୀନୀଳମାଧବ ଭାଗବତ ମଣ୍ଡଳୀ ଗାଁରେ ଲୁପ୍ତ ହୋଇ ଯାଉଥିବା ଲୋକ କଳା ଭାଗବତକୁ ଉଜ୍ଜିବୀତ କରିବା ଲକ୍ଷ୍ୟରେ ସ୍ଥାନୀୟ ଅଞ୍ଚଳର ଫକୀରଅତବୁଦ୍ଧିପାଟଣା, ମାଧବଚୌଧୁରୀପାଟଣା, କୃଷ୍ଣେଶ୍ୱରପାଟଣା, ବାପୁଜୀନଗର ଓ କଂସାରୀସାହିପାଟଣା ଏବଂ ବଡବାଣପୁର ପଞ୍ଚାୟତର ବିଭିନ୍ନ ଭାଗବତ ଗୋଷ୍ଠୀର ଭାଗବତ ପ୍ରେମୀ ଉତ୍ସାହୀ ଯୁବ କଳାକାରଙ୍କୁ ଏକାଠି କରି ପ୍ରୟାସ ଜାରି ରଖିଥିବା ଜଣାପଡିଛି। ଏହି ଅବସରରେ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ମନ୍ଦିର ଓ ଭାଗବତ ଅନୁଷ୍ଠାନରେ ଭାଗବତ ପୋଥିକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରିବା ସହ ଯଜ୍ଞ ଅନୁଷ୍ଠିତ ହୋଇଥିଲା।

# ଜନ୍ମଦିନ ପାଳନ ବେଳେ ଯୁବତୀଙ୍କୁ ଗଣବଳାତ୍କାର

**କୋଲକାତା, ୭।୯**


ଅଭିଯୁକ୍ତ ଚନ୍ଦନ ମଲ୍ଲିକ ଏବଂ ଦୀପ ବିଶ୍ୱାସ

ପଶ୍ଚିମବଙ୍ଗର ହରିଦେବପୁରରେ ଶୁକ୍ରବାର ଜଣେ ୨୦ ବର୍ଷୀୟା ଯୁବତୀ ନିଜ ଜନ୍ମଦିନ ଉତ୍ସବ ପାଳନ କରୁଥିବାବେଳେ ୨ ଜଣ ପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗଣବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଚନ୍ଦନ ମଲ୍ଲିକ ଏବଂ ଦୀପ ବିଶ୍ୱାସ ଫେରାର ହୋଇଯାଇଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ଯୁବତୀ ଜଣକ କିଛି ମାସ ପୂର୍ବରୁ ଚନ୍ଦନଙ୍କୁ ଭେଟିଥିଲେ। ଚନ୍ଦନ ନିଜକୁ ଦକ୍ଷିଣ କୋଲକାତା ପୂଜା କମିଟିର ମୁଖ୍ୟ ବୋଲି ପରିଚୟ ଦେବା ସହ ପରେ ଯୁବତୀଙ୍କୁ ଦୀପଙ୍କ ସହ ପରିଚିତ କରାଇଥିଲେ। ଉଭୟେ ଯୁବତୀଙ୍କୁ କମିଟିରେ ସାମିଲ କରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନେକ ସମୟରେ ୩ ଜଣ ପରସ୍ପର ସହ କଥା ହେଉଥିଲେ। ଶୁକ୍ରବାର ରାତିରେ ଅଭିଯୁକ୍ତମାନେ ଯୁବତୀଙ୍କୁ ରେଜେଣ୍ଟ ପାର୍କ ଅଞ୍ଚଳରେ ଥିବା ଏକ ଫ୍ଲାଟକୁ ନେଇ ଜନ୍ମଦିନ ପାଳନ କରିଥିଲେ। ଯୁବତୀ ଜଣକ ସେଠାରୁ ବାହାରିବାକୁ ଉଦ୍ୟମ କଲାବେଳେ ଅଭିଯୁକ୍ତମାନେ ଡୋରକୁ ଲକ୍ କରିଦେଇ ତାଙ୍କୁ ମାଡ଼ ମାରିବା ସହ ବଳାତ୍କାର କରିଥିଲେ। ପରଦିନ ସକାଳେ ଯୁବତୀ କୌଣସି ପ୍ରକାରେ ସେଠାରୁ ଖସି ପଳାଇଆସି ହରିଦେବପୁର ଥାନାରେ ଏତଲା ଦେଇଥିଲେ।

# କାର୍ ଭିତରେ ନାବାଳିକାଙ୍କୁ ବଳାତ୍କାର

**ଦାରିଙ୍ଗବାଡ଼ି, ୭।୯ (ଅରୁଣ ସାହୁ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଜଣେ ନାବାଳିକା(୧୫)ଙ୍କୁ ବଳାତ୍କାର କରାଯାଇଥିବା ନେଇ ପରିବାର ଲୋକେ ଶନିବାର ଅଭିଯୋଗ କରିଛନ୍ତି। ନାବାଳିକା ଅଗଷ୍ଟ ୩୧ରେ ନିଜ ବଡ଼ ଭଉଣୀଙ୍କ ଘରକୁ ବୁଲିବାକୁ ଯାଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ଭଉଣୀଙ୍କ ଘରଠାରୁ କିଛି ଦୂରରେ ଗଣେଶ ମୂର୍ତ୍ତି ଭସାଣି ପାଇଁ ହେଉଥିବା ଶୋଭାଯାତ୍ରା ଦେଖିବାକୁ ନାବାଳିକା ଯାଇଥିଲେ। ଭସାଣି ବେଳେ ସେ ତାଙ୍କ ଡ୍ରେସ୍ ଜ୍ୟାକେଟ୍ ସମ୍ପର୍କୀୟଙ୍କ ଘରେ ରଖିଥିଲେ। ବଣ୍ଟନ ହେଉଥିବା ପ୍ରସାଦ ଖାଇସାରି ସେଠାକୁ ଯାଇ ଜ୍ୟାକେଟ ଧରି ଫେରୁଥିବା ବେଳେ ଜଣେ ଯୁବକ କାରରେ ଆସି ନାବାଳିକାଙ୍କୁ ବଳପୂର୍ବକ ଉଠାଇ ନେଇଥିଲେ। ଦାରିଙ୍ଗବାଡ଼ି ସହର ବାହାରକୁ ନେଇ କାର୍ ଭିତରେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ପରିବାର ଲୋକେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ନାବାଳିକା ସେଠାରୁ ଖସି ଆସିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ ବୋଲି କହିଛନ୍ତି। ତେବେ ଏ କଥା କାହାକୁ କହିଲେ ଜୀବନରେ ମାରିଦେବାକୁ ସମ୍ପୃକ୍ତ ଯୁବକ ତାଙ୍କୁ ଧମକ ଦେଇଛନ୍ତି। ଏନେଇ ୧୮୨/୨୫ ନଂରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଏହି ଘଟଣା ଦାରିଙ୍ଗବାଡ଼ି ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି। ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିହାରୀ ସାଇବର ଠକଙ୍କୁ ଅପହରଣ କରି ୨୫ ଲକ୍ଷ ମୁଣ୍ଡଜାମିନ

**ଭୁବନେଶ୍ୱର, ୭।୯ (ସତ୍ୟଜିତ୍ ରାଉତ)**

- ଅପହର୍ତ୍ତା ମହିଳାଙ୍କ ସମେତ ୪ ଗିରଫ
- ବିହାରୀ ସାଇବର ଠକ ମଧ ଗିରଫ ହେଲେ

ବିହାର ସାଇବର ଠକଙ୍କୁ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ଦେଇ କମିଶନ ପାଉଥିଲେ ଭୁବନେଶ୍ୱରର ମହିଳା। ଅଧିକ ଟଙ୍କା ଲୋଭରେ ସମ୍ପୃକ୍ତ ଠକଙ୍କୁ ଡାକି ଅପହରଣ କରିବା ପରେ ମୁଣ୍ଡ ଜାମିନ ରଖି ୨୫ ଲକ୍ଷ ଟଙ୍କା ଦାବି କରିଥିଲେ। ଏନେଇ ଅଭିଯୋଗ ପରେ ଚନ୍ଦକା ଥାନା ପୋଲିସ ଅପହୃତଙ୍କୁ ଉଦ୍ଧାର କରି ଅପହର୍ତ୍ତାମାନଙ୍କୁ ଧରିବା ପରେ ବଡ଼ଧରଣର ଠକେଇ ର୍‍ୟାକେଟ ପଦାକୁ ଆସିଛି। ଅପହର୍ତ୍ତାକାରୀ ମହିଳା ଓ ତାଙ୍କ ପୁଅ, ଝିଅଙ୍କ ସମେତ ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଚନ୍ଦକା ଥାନା ସଂଘର୍ଷ ବିହାରର ଅମିତାରାଣୀ ରାଉତ (୫୦), ତାଙ୍କ ପୁଅ ଚିରଞ୍ଜୀବ ରାଉତ (୨୧), ଝିଅ ଆକାଂକ୍ଷା ରାଉତ (୨୧) ଏବଂ ସହଯୋଗୀ ମୈତ୍ରୀ ବିହାର ଥାନା ବିଡିଏ କଲୋନୀର ଭଗବାନ ସାହୁ (୨୧)। ଅପରପକ୍ଷରେ ଅପହୃତ ବିହାରୀ ସାଇବର ଠକଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ସେ ହେଲେ ବିହାର ନାଳନ୍ଦା ଜିଲା ବିହାର ସରିଫ୍ ଥାନା ଅଞ୍ଚଳର ସମିର କୁମାର ଭୁଭେ (୩୫)। ଏହି ଘଟଣାରେ ଚନ୍ଦକା ଥାନା ପକ୍ଷରୁ ଏକ ମାମଲା (ନଂ.୩୫୬/୨୦୨୫) ରୁଜୁ କରାଯାଇ ସମସ୍ତଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ସେମାନଙ୍କୁ ରବିବାର କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ବିହାରୀ ଠକ ସମିରଙ୍କ ପକ୍ଷରୁ ଅପହରଣ ନେଇ ଅଭିଯୋଗ ପରେ ଥାନା ପକ୍ଷରୁ ମାମଲା (ନଂ.୩୫୫/୨୦୨୫)ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ଠକେଇ ନେଟୱର୍କର ଅଧିକ ଖୋଳତାଡ କରାଯିବ ବୋଲି ଡିସିପି ଜଗମୋହନ ମୀନା କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସମୀରଙ୍କ ସହ ଅମିତାରାଣୀ ଉତ୍ତରପ୍ରଦେଶ ପ୍ରୟାଗରାଜରେ ଭେଟ ହୋଇଥିଲେ। ଏହାପରେ ସମୀର ୪ ମାସ ତଳେ ଓଡ଼ିଶା ଆସି ଅମିତାରାଣୀଙ୍କୁ ନେଇ ଭୁବନେଶ୍ୱରର ଆକ୍ସିସ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଓ ସୂର୍ଯ୍ୟୋଦୟ ବ୍ୟାଙ୍କରେ ତାଙ୍କ ନାମରେ ୩ଟି ଆକାଉଣ୍ଟ ଖୋଲିଥିଲେ। ସମୀର ଆକାଉଣ୍ଟଗୁଡ଼ିକର ଚେକବୁକ୍, ବ୍ୟାଙ୍କିଙ୍ଗ୍ ଆଇଡି, ପାସୱାର୍ଡ ଓ ଲିଙ୍କ୍ ସିମକାର୍ଡକୁ ନେଇଯାଇଥିଲେ। ପ୍ରତି ଟ୍ରାଞ୍ଜାକ୍ସନ ପିଛା ୧.୪ କମିଶନରେ ସମୀର ତାଙ୍କୁ ଟଙ୍କା ଦେଉଥିଲେ। ତେବେ ଆକାଉଣ୍ଟଗୁଡିକରେ କୋଟି କୋଟି ଟଙ୍କାର ସାଇବର ଠକେଇ ହୋଇଥିବାରୁ ବିଭିନ୍ନ ତଦନ୍ତ ଏଜେନ୍ସି ଦ୍ୱାରା ଫ୍ରିଜ୍ କରାଯାଇଥିଲା। ଆକ୍ସିସ୍ ବ୍ୟାଙ୍କ ଆକାଉଣ୍ଟରେ ୧.୫ କୋଟି ଟଙ୍କା କାରବାର ହୋଇଥିବା ବେଳେ ୧୫ ଲକ୍ଷ ଫ୍ରିଜ୍ ହୋଇଥିଲା। ସୂର୍ଯ୍ୟୋଦୟ ଆକାଉଣ୍ଟରେ ୩ କୋଟି କାରବାର ହୋଇଥିବା ବେଳେ ୧୦ ଲକ୍ଷ ଫ୍ରିଜ୍ ଏବଂ ବ୍ୟାଙ୍କ ଅଫ ବରୋଦା ଆକାଉଣ୍ଟରେ ୫ କୋଟି ଟ୍ରାଞ୍ଜାକ୍ସନ ହୋଇଥିବା ବେଳେ ୬ ଲକ୍ଷ ଫ୍ରିଜ୍ ହୋଇଥିଲା। ସନ୍ଦେହଜନକ କାରବାର ହେଉଥିବାରୁ ବ୍ୟାଙ୍କଗୁଡ଼ିକରୁ ଅମିତାରାଣୀଙ୍କୁ ଡକାଯାଇ ସତର୍କ କରାଯାଇଥିଲା। ଏହାସତ୍ତ୍ୱେ ସେ ଅଧିକ ଟଙ୍କା ପାଇବା ଲୋଭରେ ପଡିଥିଲେ। ସେ ଆଉ ବ୍ୟାଙ୍କ ଆକାଉଣ୍ଟ ଖୋଲିବେ କହି ସମୀରଙ୍କୁ କଲ୍ କରି ଭୁବନେଶ୍ୱର ଡାକିଥିଲେ। ସମୀର ଶୁକ୍ରବାର ରାତିରେ ଭୁବନେଶ୍ୱରରେ ପହଞ୍ଚି ହୋଟେଲରେ ରହିବା ସହ ପଥରଗାଡିଆରେ ଅଭିଯୁକ୍ତମାନଙ୍କୁ ଭେଟିବାକୁ ଯାଇଥିବାବେଳେ ସେମାନେ ତାଙ୍କୁ ଅଟକ ରଖି ୨୫ ଲକ୍ଷ ଟଙ୍କା ମାଗିଥିଲେ।

# ସୀମାନ୍ତରେ ପୋଲିସ-ମାଓବାଦୀ ଗୁଳି ବିନିମୟ: ମାଓବାଦୀ ଜୋନାଲ କମାଣ୍ଡର ନିହତ

**ରାଉରକେଲା, ୭।୯ (ସଙ୍ଗୀତା ଜେନା)**

ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀ ଦମନ ଅଭିଯାନ ଜାରି ରହିଛି। ଏହି କ୍ରମରେ ରବିବାର ସକାଳ ୮ଟାରେ ଚାଇଁବାସା ପୋଲିସ ଏବଂ ସିଆର୍‌ପିଏଫ୍ କୋବ୍ରା ବାଟାଲିୟନ୍‌ର ଯବାନମାନେ କୋମ୍ବିଂ ଅପରେଶନ କରୁଥିବା ବେଳେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ମାଓବାଦୀ ଜୋନାଲ କମାଣ୍ଡର ଅମିତ ହାଂସଦାଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରୁ ଅତ୍ୟାଧୁନିକ ମାରଣାସ୍ତ୍ର ଏସ୍‌ଏଲ୍‌ଆର୍, କାର୍ତ୍ତ୍ରିଜ୍ ଏବଂ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଜବତ ହୋଇଛି। ପୂର୍ବରୁ ଅମିତଙ୍କ ମୁଣ୍ଡ ଉପରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା। ଏ ନେଇ ପଶ୍ଚିମ ସିଂଭୂମ ଚାଇଁବାସା ଏସ୍‌ପି ରାକେଶ ରଞ୍ଜନ ସୂଚନା ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଓଡ଼ିଶା ସଂଲଗ୍ନ ଝାଡ଼ଖଣ୍ଡର ଗୋଇଲକେରା ଥାନା ଅଧୀନ ପାଞ୍ଚଲାତାବୁରୁ ଜଙ୍ଗଲ ସନ୍ନିକଟ ଆରାହାସ ପଞ୍ଚାୟତର ରେଲାପାରଲ ଗ୍ରାମ ବୁର୍ଜୁଆ ପାହାଡ଼ ନିକଟରେ ରବିବାର ସକାଳ ୮ଟାରେ ସୁରକ୍ଷାବଳ ଓ ମାଓବାଦୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା।

# ରେଲୱେ କଲୋନିରେ ଘର ଉପରକୁ ଗୁଳିମାଡ଼

**ଝାରସୁଗୁଡ଼ା, ୭।୯ (ଆଶିଷ ରଞ୍ଜନ ଦାଶ)**




ଝାରସୁଗୁଡ଼ା ସହରସ୍ଥିତ ରେଲୱେ କଲୋନିରେ ଏକ ଘର ଉପରକୁ ଶନିବାର ରାତିରେ ଗୁଳିମାଡ଼ ହୋଇଛି। ହେଲେ ଏଥିରେ କାହାରି ଜୀବନ ହାନି ଘଟି ନାହିଁ। ରବିବାର ସକାଳେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ଶନିବାର ରାତିରେ ରେଲୱେ କଲୋନିରେ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଶୋଭାଯାତ୍ରା ଚାଲିଥିଲା। ଏହି ସମୟରେ ଉକ୍ତ କଲୋନିରେ ରହୁଥିବା ସୋହନ ସୁନା, ସୁଶାନ୍ତ ସୁନାଙ୍କ ସହିତ ନିକଟସ୍ଥ ଡବଲିଙ୍ଗ କଲୋନିର କେତେଜଣ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ କେନ୍ଦ୍ରକରି ରାତି ପ୍ରାୟ ୩ଟାରେ ଡବଲିଙ୍ଗ କଲୋନିର କେତେଜଣ ଯୁବକ ରେଲୱେ କଲୋନିରେ ପହଞ୍ଚି ସୋହନ ଓ ସୁଶାନ୍ତ ରହୁଥିବା ଘରର କବାଟ ବାଡ଼େଇଥିଲେ। ସୋହନଙ୍କ ମା' କବାଟ ଖୋଲିବା ପରେ ଘରେ କେହି ନ ଥିବା ଦେଖିବାକୁ ପାଇଥିଲେ। ପରେ ଦୁର୍ବୃତ୍ତମାନେ ଉତ୍ତ୍ୟକ୍ତ ହୋଇ ତାଙ୍କ ଘର ଉପରକୁ ୮ ରାଉଣ୍ଡ ଗୁଳି ଚାଳନା କରି ଫେରାର ହୋଇଯାଇଛନ୍ତି। ଗୁଳିଗୁଡ଼ିକ ସୋହନଙ୍କ ଘରର କବାଟ ଭେଦକରି ଭିତରେ ଥିବା କୁଲର ଓ କାନ୍ଥରେ ମାଡ଼ ହୋଇଛି। ସକାଳେ ଏସ୍‌ପି ରାଘବେନ୍ଦ୍ର, ଏସ୍‌ଡିପିଓ ଉମାଶଙ୍କର ସିଂ ପହଞ୍ଚି ତଦନ୍ତ କରିଥିଲେ। ଘଟଣା ରେଲୱେ କଲୋନିରେ ଘଟିଥିବାରୁ ଜିଆର୍‌ପି ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ଏନେଇ ସୋହନଙ୍କ ବାପା ଦାଶରଥି ସୁନା ଅଭିଯୋଗ କରିବା ପରେ ଜିଆର୍‌ପିରେ ଏକ ମାମଲା ରୁଜୁ ହୋଇଛି।

# ପୁଅ ମାଡ଼ରେ ମା' ମୃତ

**ସୁନ୍ଦରଗଡ଼/ ହେମଗିରି, ୭।୯ (ଜୟ ନାରାୟଣ ମେଣ୍ଡୁଲି/ ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିରି ଥାନା ଅନ୍ତର୍ଗତ ଡୁଡୁକାସ୍ଥିତ ବନ୍ଧପାଲି ଗ୍ରାମରେ ରବିବାର ସକାଳେ ଘରୋଇ କଳିକୁ କେନ୍ଦ୍ରକରି ପୁଅର ମୁଥମାଡ଼ରେ ମା'ର ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଶୈଳ ଧୁରୁଆ(୬୦)। ଏନେଇ ହେମଗିରି ପୋଲିସ ଥାନାରେ ଏକ ହତ୍ୟା ମାମଲା (ନଂ. ୪୧୬/୨୫) ରୁଜୁ କରି ଅଭିଯୁକ୍ତ ପୁଅ ବଳିନ୍ଦ୍ର ଧୁରୁଆ(୪୨)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁସାରେ, ଘରୋଇ କଳହକୁ ନେଇ ଶୈଳ ଏବଂ ପୁଅ ବଳିନ୍ଦ୍ରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବଳିନ୍ଦ୍ର ମୁଥ ମାରିଥିଲେ। ଶୈଳ ତଳେ ପଡ଼ିଯିବାରୁ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ବଳିନ୍ଦ୍ର ତୁରନ୍ତ ତାଙ୍କୁ ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଜମି ବିବାଦରୁ ଫୁଟିଲା ଗୁଳି

**ରାସଗୋବିନ୍ଦପୁର (ସତ୍ୟବାଦୀ ପରିଡ଼ା)/ମୋରଡ଼ା (ସ୍ମାରକ ମାଝୀ), ୭।୯**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ମାଣିକପୁର ଗ୍ରାମରେ ଜମି ବିବାଦରୁ ଗୁଳି ଫୁଟିଛି। ଶନିବାର ରାତି ୧୦ଟା ୩୦ରେ ଦିଲୀପ କୁମାର ଗିରି(କାଳିଆ)ଙ୍କ ଘର ଉପରକୁ ସେହି ଗ୍ରାମର ବେଣୁଧର ଗିରିଙ୍କ ପୁଅ ଦୀପା ୩ ସହଯୋଗୀଙ୍କ ସହିତ ବାଇକ୍ ଯୋଗେ ଆସି ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରୁ ପୋଲିସ ଏକ ଅଫୁଟା ଗୁଳି ଓ ଖୋକା ଜବତ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୩୫୦/୨୫) ରୁଜୁ ହୋଇଛି। ଘଟଣାରେ କାହାର କିଛି କ୍ଷତି ହୋଇ ନ ଥିବା ବେଳେ ଦୀପାଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

# ୪୬.୫୦ଗ୍ରାମ୍ ବ୍ରାଉନସୁଗାର, ୧.୧୧୪ କିଗ୍ରା ଗଞ୍ଜେଇ ଜବତ

## ମହିଳାଙ୍କ ସମେତ ୪ ବେପାରୀ ଗିରଫ

**ବାଲେଶ୍ୱର, ୭।୯ (ବାଞ୍ଛାନିଧି ଦେ)**

ନିଶା କାରବାର ରୋକିବା ପାଇଁ ବାଲେଶ୍ୱର ଜିଲା ପୋଲିସ ପକ୍ଷରୁ 'ପ୍ରହାର' ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶକ୍ରମେ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବ୍ରାଉନସୁଗାର ଓ ଗଞ୍ଜେଇ ବେପାର କରୁଥିବା ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୪୬.୫୦ଗ୍ରାମ୍ ଓଜନର ବ୍ରାଉନସୁଗାର ଓ ୧.୧୧୪ କିଲୋଗ୍ରାମ ଗଞ୍ଜେଇ, ନଗଦ ୧୧ହଜାର ୭୬୫ଟଙ୍କା, ୧୨ଟି ଚିଲମ, ୨ଟି ମୋବାଇଲ ଫୋନ୍, ଗୋଟିଏ ବାଇକ୍ ଜବତ ହୋଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୪ଲକ୍ଷ ୬୫ହଜାର ଟଙ୍କା ଓ ଗଞ୍ଜେଇର ମୂଲ୍ୟ ୧୧ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ବଜାର ମସଜିଦ୍ ଗଳିରୁ ମହିଳା ବେପାରୀ ରଜିନା ବିବିଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୧୬.୫୦ଗ୍ରାମ୍ ବ୍ରାଉନସୁଗାର ଓ ନଗଦ ୯ହଜାର ୫ଶହ ଟଙ୍କା ଜବତ ହୋଇଛି। ଏନେଇ ୨୯୮/୨୫ ନଂ. ମାମଲା ରୁଜୁ ହୋଇଛି। ବସ୍ତା ଥାନା ଅଧୀନ ଉପରତାପଣ୍ଡା ଗ୍ରାମର ବିନୋଦ କୁମାର ବେହେରାଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୩୦ ଗ୍ରାମ୍ ଓଜନର ବ୍ରାଉନସୁଗାର, ଗୋଟିଏ ବାଇକ୍, ଗୋଟିଏ ମୋବାଇଲ୍ ଫୋନ୍ ଜବତ ହୋଇଛି। ଏନେଇ ୩୨୧/୨୫ ନଂ. ମାମଲା ରୁଜୁ ହୋଇଛି। ସଦର ଥାନା ଅଧୀନ ସିନ୍ଦୂରୀ ଗ୍ରାମର ସୁକାନ୍ତ ଦାସଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୫୦୪ଗ୍ରାମ୍ ଓଜନର ଗଞ୍ଜେଇ, ୧୨ଟି ଚିଲମ, ଗୋଟିଏ ମୋବାଇଲ ଫୋନ ଓ ନଗଦ ୧୬୫ଟଙ୍କା ଜବତ କରାଯାଇଛି। ଏନେଇ ୩୫୫/୨୫ ନଂ. ମାମଲା ରୁଜୁ ହୋଇଛି। ସେହିପରି ଚାନ୍ଦିପୁର ଥାନା ମୁଳାନଗର ଅଞ୍ଚଳର ବଳରାମ ବେହେରାଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୬୧୦ଗ୍ରାମ୍ ଗଞ୍ଜେଇ ଓ ନଗଦ ୨୧ଶହ ଟଙ୍କା ଜବତ ହୋଇଛି। ଏନେଇ ୧୨୭/୨୫ ନଂ. ମାମଲା ରୁଜୁ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

**No.O-697**

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE : KEONJHAR**
email : se_nerwkjr@rediffmail.com
eProcurement Notice for Road Works under PM-JANMAN Batch-I
**Identification No. NCB-16 / RWCKJR / 2025-26**
No. 3417 / Date : 01.09.2025

1. Name of the work : **Construction of road works under PM-JANMAN Batch-I in the District of Keonjhar.** 2. No. of work : **02 (Two) Nos.** 3. Estimated cost : As per Annexure in NIT. 4. Class of Contractor (Eligible) : As per Annexure in NIT. 5. Period of Completion : As per Annexure in NIT. 6. Other details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-16 / RWCKJR / 2025-26 | Dt.08.09.25 at 11.00 A.M. | Dt.22.09.25 up to 5.00 P.M. | Dt.20.09.25 up to 5.00 P.M. | Dt.23.09.25 at 11.00 A.M. | Will be intimated later |

• Further details can be seen from the website : www.pmgsytenders.gov.in
Sd./- Chief Construction Engineer
R.W. Circle, Keonjhar
OIPR-25177/11/0092/2526

**No.A-593**

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF CONSTRUCTION ENGINEER,**
**DEO IRRIGATION PROJECT, KARANJIA**
AT/PO : KARANJIA, DIST. : MAYURBHANJ-757037, Tel : 06796-296144, e-mail : cce.dip.dowr@gmail.com
**"e" Procurement Notice**
**Bid Identification No. : 03/CCEDIP of 2025-26**

Name of Work : As per Detailed Tender Call Notice, Total No. of Packages : 01 (One) No. of Individual Work, Estimated cost of Package : 165.16 Lakhs, Period of Completion : 06 (Six) Months, Class of Contractor : "B" & "A" Class Contractor, Other Details : Mentioned in DTCN

| Procurement Officer | Bid Identification No. | Availability of tender on-line for biding | |
|---|---|---|---|
| | | From | To |
| Chief Construction Engineer, Deo Irrigation Project, Karanjia | 03/CCEDIP of 2025-26 | **11.09.2025** at 10.00 A.M. | **26.09.2025** up to 05.30 P.M. |

Further details can be seen from the Govt. website www.tendersodisha.gov.in.
Any addendum/corrigendum/cancellation of tender can also be seen in the said Website.
Sd./- Chief Construction Engineer,
Deo Irrigation Project, Karanjia
OIPR-32337/11/0008/2526

See Career Appointment on every Wednesday & Saturday

**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**
No. 10645 Dated: 04.09.2025
**Bid Identification No. MC/RMC/35/2025**

No. C-1021: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single Cover on online mode. Bid Identification No. MC/RMC/35/2025 for 01 No. Electrical work with value of Rs.31.05 lakh.

1. Bid documents will be available in website **www.tendersorissa.gov.in** from 06.09.2025.
2. Bids must be submitted on "Online" on or before 15.09.2025 by 17.00 hours.
3. Bids shall be opened at 11.00 hours on 16.09.2025 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

Sd./- Municipal Commissioner
Rourkela Municipal Corporation
OIPR-13131/11/0165/2526

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751 007, Tel : 2545586/2545852, email- serifedodisha@gmail.com, website - www.serifedodisha.in
**TENDER CALL NOTICE**
**BID IDENTIFICATION NO:- VI-10(08)/SERIFED/2025-26/1115/ Dt.06.09.2025**

**No.CAD-1685** : The MANAGING DIRECTOR (SERIFED), Odisha, Bhubaneswar invites sealed tenders in single cover bids from the registered contractors for 01 no. of work in Khordha District. The bid documents such as DTCN/BOQ etc. can be seen/downloaded from the website : www.sidacodisha.org.in. during the period dt. 10.09.2025 to 5.00 P.M. up to 16.09.2025. Tender shall be received till 5.00 P.M. on 16.09.2025 & shall be opened at 11.30 A.M. on 17.09.2025. Any addendum / corrigendum / cancellation of tender can also be seen in the said website.

OIPR-31005/11/0015/2526 Sd./- MANAGING DIRECTOR

**ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼**
**OFFICE OF THE MUNICIPAL COUNCIL, TITILAGARH**
(Deptt. of Housing & Urban Development, Govt. of Odisha)
At/PO. PS. : Titilagarh, Dist : Balangir - 767033
e-mail : titilagarhmunicipality@gmail.com
**e-tender notice details**
**BID IDENTIFICATION NO. : TIG-MPL-16-2025**
DTCN No.2479/03.09.2025

**No.C-1013** : Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in**

1. Name of the Work : Civil Construction works as mentioned in website.
2. No. of works : **5 nos. of Civil Projects**
3. Tender Cost : **As per DTCN**
4. Period of Completion : 30 Days
5. Date & Time of availability of Bid Documents in the Portal : **From 08.09.2025, 12:00 A.M. to 16.09.2025, 5.00 P.M.**
6. Last date & time for receipt of bids in the portal : **On 16.09.2025 at 5.00 P.M.**
7. Last date & time for deposit of Fees & Documents (in sealed envelope) at Office tender box : **On 18.09.2025 at 5.00 P.M.**
8. Bids received online & Offline will be opened on : **On 19.09.2025 at 11.00 A.M.**
9. Name and address of the officer inviting Bid : Executive Officer, Titilagarh Municipality

Further details can be seen from the procurement portal i.e. **https://tendersodisha.gov.in**
Sd./- Executive Officer,
Titilagarh, Municipality
OIPR-13095/11/0032/2526

**NOTIFIED AREA COUNCIL, KESINGA**
KALAHANDI (ODISHA), PIN-766012
email : kesinganac@gmail.com
**"e" PROCUREMENT NOTICE**
**Bid Identification No. 2379/NAC(K) Dt.04.09.2025**

**No.C-1014** : Bid document consisting of work, estimated cost, cost of tender paper, EMD and time of completion, Class of contractors and set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**

